## ସଂକ୍ଷେପରେ

### ଟ୍ରକ ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ବସ୍ତା, ୨୧।୧୦(ସ୍ୱ.ପ୍ର.): ବସ୍ତା ଥାନା ଅନ୍ତର୍ଗତ ୬୦ନଂ. ଜାତୀୟ ରାଜପଥର ରାଜଘାଟ ସ୍ଥିତ ପରିତ୍ୟକ୍ତ ଟୋଲଗେଟ୍ ନିକଟରେ ଶନିବାର ଏକ ଟ୍ରକ ଧକ୍କାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ଭେଲୋରା ଗ୍ରାମର ମନ୍ମଥ ମହାପାତ୍ର ନିଜ ସ୍କୁଟିରେ ଘର ଅଭିମୁଖେ ଯାଉଥିବା ବେଳେ ପଛପଟୁ ଏକ ଟ୍ରକ (ନଂ.ଓଡି୦୪୪ ୭୭୭୫) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ହସ୍ପିଟାଲ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଫେରାର ହୋଇଯାଇଛି।

### କନ୍ୟା ମାତୃଶକ୍ତିର ପ୍ରତୀକ



ଖଇରା, ୨୧।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀସ୍ଥିତ ଅମ୍ବିକା ଆଶ୍ରମରେ ଗୁରୁବାର କନ୍ୟାପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମ ଅବତାର ଅଗ୍ରୱାଲ ଓ ତାଙ୍କ ପତ୍ନୀ ସରିତା ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ କୁଆଁରୀ କନ୍ୟାଙ୍କୁ ପୂଜା କରାଯାଇ ସେମାନଙ୍କୁ ବନ୍ଦନା କରାଯାଇଥିଲା। ଆଶ୍ରମ ସଞ୍ଚାଳକ ଶୁଭେନ୍ଦ୍ର ମୁନି ସମସ୍ତ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ୧୯୭୮ ମସିହାରୁ ଏହି ଆଶ୍ରମରେ ପ୍ରତି ନବମୀ ତିଥିରେ କନ୍ୟାପୂଜା ପରମ୍ପରା ପ୍ରଚଳିତ ହୋଇଆସୁଛି। କନ୍ୟାମାନେ ମାତୃଶକ୍ତିର ପ୍ରତୀକ। ଏଣୁ ଶକ୍ତି ଆହରଣ ପାଇଁ କନ୍ୟା ପୂଜା କରାଯାଇଥାଏ ବୋଲି ଶୁଭେନ୍ଦ୍ର ମୁନି କହିଛନ୍ତି।

### 'ଶିକ୍ଷା ସମସ୍ତଙ୍କ ପାଇଁ' ଆଲୋଚନାଚକ୍ର



ରୂପସା, ୨୧।୧୦(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ରୂପସା ମହାପାତ୍ର ନୋଡ଼ାଲ ହାଇସ୍କୁଲରେ ରବିବାର ଭୁବନେଶ୍ୱରର କିଟ୍ ଏବଂ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଶିକ୍ଷା ସମସ୍ତଙ୍କ ପାଇଁ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନୀଳମଣି ମହାବିଦ୍ୟାଳୟର ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାସଗୋବିନ୍ଦପୁର ବ୍ଲକର ସହ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ପ୍ରଧାନଶିକ୍ଷକ ପର୍ଶୁରାମ ବେହେରା, ରସାୟନ ବିଜ୍ଞାନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ପଙ୍କଜ କୁମାର ପାଢ଼ୀ, ଇଂ. ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଛାତ୍ରୀଛାତ୍ରଙ୍କ ସୃଜନଶୀଳତା, ସକାରାତ୍ମକ ଚିନ୍ତାଧାରା, ଆତ୍ମସମୀକ୍ଷା ସହ ମେଧାଶକ୍ତିର ବିକାଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାଚକ୍ରରେ ରୂପସା ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆୟୋଜକ ଅନୁଷ୍ଠାନ ତରଫରୁ ରଣଜିତ୍ କୁମାର ଦାସ ଓ ବୈଶାଖୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନରହରିପୁର ଗାଁରେ ରାବଣପୋଡ଼ି

ରେମୁଣା, ୨୧।୧୦(ଡି.ଏନ.ଏ.): ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ନରହରିପୁର ଗାଁରେ ୪ର୍ଥ ବାର୍ଷିକ ରାବଣ ପୋଡି କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବ ନେତା ସୁଧାଂଶୁ ଶେଖର ପରିଡା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ରବି ରାଉତ, ରାବଣ ପୋଡି କମିଟି ସଭାପତି ରତ୍ନାକର ସ' ଓ ସମ୍ପାଦକ ଭାସ୍କର ଜେନା ପ୍ରମୁଖ ଯୋଗଦେଇଥିଲେ। ଚନ୍ଦନ କୁମାର ଗନ୍ତାୟତ, ପ୍ରିୟରଞ୍ଜନ ସ', ରତ୍ନାକର ପାତ୍ର, ପ୍ରଭାକର ସେଠୀ ଓ ଆଶିଷ ଗନ୍ତାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗାଁ ମଝିରେ ଥିବା ବିଶ୍ୱେଶ୍ୱର ଶିବମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ନିକଟ ପଡିଆରେ ରାବଣ ପୋଡି ଆୟୋଜିତ ହୋଇଥିଲା। ୨୦ଫୁଟ ଉଚ୍ଚର ରାବଣ ପ୍ରତିକୃତିରେ ମୁଖ୍ୟଅତିଥି ଅଗ୍ନି ସଂଯୋଗ କରିଥିଲେ। ପରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ବିଜୟା ମିଳନ ସାରସ୍ୱତ ଜୀବନକୁ ସମୃଦ୍ଧ କରିଛି'

ଜଳେଶ୍ୱର, ୨୧।୧୦(ଡି.ଏନ.ଏ.)



ବିଜୟା ମିଳନ ଉତ୍ସବରେ ମଞ୍ଚାସୀନ ଅତିଥି।

ସାଂପ୍ରତିକ ସାମାଜିକ ପରିସ୍ଥିତିରେ ବିଜୟା ମିଳନ ଉତ୍ସବର ପ୍ରାସଙ୍ଗିକତା ରହିଛି ଓ ରହିବ। ଏହା ଆମ ସାରସ୍ୱତ ଓ ସାଂସ୍କୃତିକ ଜୀବନକୁ ସମୃଦ୍ଧ ଓ ରୁଚିଶୀଳ କରିଆସିଛି ବୋଲି ବାଲେଶ୍ୱର ଜିଲା ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦ ତରଫରୁ ରବିବାର ଅନୁଷ୍ଠିତ ବିଜୟା ମିଳନ-୨୦୧୮ ଉତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ଦେଉଳିପଞ୍ଝୁଘଣ୍ଟା ଗ୍ରାମର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ଏହି ଉତ୍ସବ ଅବସରରେ କାବ୍ୟ ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ ସମାରୋହ ଆୟୋଜିତ ହୋଇଥିଲା। କବି ବ୍ରଜେନ୍ଦ୍ରନାଥ ଗିରି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟା ମିଳନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଏମ୍‌ପି ଡ.କାର୍ତ୍ତିକେଶ୍ୱର ପାତ୍ର ମୁଖ୍ୟବକ୍ତା, ଦାନ୍ତୁନ ଗ୍ରାମୀଣ ମେଳାର ପ୍ରତିଷ୍ଠାତା କବି ଆଲୋକ ନନ୍ଦୀ, କବି ସୁକୁମାର ଦାସ, କବୟିତ୍ରୀ ତଥା ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ବିଜୟ କୁମାର ମିଶ୍ର, ପଶ୍ଚିମବଙ୍ଗରେ ପ୍ରକାଶିତ ପାକ୍ଷିକ ପତ୍ରିକା ଅନ୍ୟଦିନର ସମ୍ପାଦକ ଅମିତ ବିକ୍ରମ ରାଣା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଜୟା ମିଳନ ଉତ୍ସବ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଅଜିତ୍ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରି ଶାରଦୀୟ ଅଭିନନ୍ଦନ ଜଣାଇଥିଲେ। କବି ସୁଧାକର ଗିରିଙ୍କ ରଚିତ ପୁସ୍ତକ 'ସଭ୍ୟତା ସାଗରରେ ଅଶାନ୍ତ ସୁନାମୀ' ଏବଂ ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ଇଂରାଜୀ ଭାଷାରେ ରଚିତ ଶିଶୁ ପୁସ୍ତକ 'ଦି ପ୍ରାଇମ୍ ମିନିଷ୍ଟର ହୁମ ୱି ଲାଇକ୍ ମୋଷ୍ଟ-ରାଜୀବ ଗାନ୍ଧୀ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କବିତା ଆସରରେ ୮୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କବି ଯୋଗେଶ ଚନ୍ଦ୍ର ରାଉଳ ଶେଷରେ ଧନ୍ୟବାଦ ଦେଇଥିଲେ। ମଧୁଛନ୍ଦା ମହାନ୍ତି, ବିଜୟ ଘୋଷ, କାର୍ତ୍ତିକ ଦାସ, ଅନନ୍ତ ଦାସ, ଡ. ସିପ୍ରା ସରକାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମିଶ୍ରଣ ପର୍ବର ଏପାଖ ସେପାଖ



ମିଶ୍ରଣ ସଭାରେ ଉପସ୍ଥିତ ନେତା ଓ କର୍ମୀ।

### ମାଛ ତେଲରେ ମାଛ ଭାଜିଲେ

ଖଇରା, ୨୧।୧୦(ଡି.ଏନ.ଏ.): ସାଧରଣତଃ ଯେଉଁ ଦଳ ପକ୍ଷରୁ ମିଶ୍ରଣ ପର୍ବ ହୁଏ ସେହି ଦଳ ପକ୍ଷରୁ ମଞ୍ଚ ଓ ଅନ୍ୟ ପ୍ରସ୍ତୁତି କରାଯାଇଥାଏ। ହେଲେ ରବିବାର ପତିରାଜପୁର ପଡିଆରେ ଆୟୋଜିତ ଭାଜପା ମିଶ୍ରଣ କାର୍ଯ୍ୟକ୍ରମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। କଂଗ୍ରେସ ଛାଡି ଭାଜପାରେ ପଦ୍ମ ଧରିଥିବା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଓ ଶୁଭଙ୍କର ମହାପାତ୍ରଙ୍କ ସମର୍ଥକମାନେ ବେଶ୍ ତତ୍ପର ରହିଥିଲେ। ଟେଣ୍ଟ ଓ ଅନ୍ୟାନ୍ୟ ବ୍ୟବସ୍ଥା ସେମାନଙ୍କ ପକ୍ଷରୁ କରାଯାଇଥିବା ଚର୍ଚ୍ଚାକୁ ଆସିଥିଲା। ମାଛ ତେଲରେ ଭାଜପା ନେତା ମାଛ ଭାଜିଲେ ବୋଲି ଭାଜପାରେ ଯୋଗ ଦେଇଥିବା ଜଣେ ନେତାଙ୍କ ସମର୍ଥକମାନେ କହୁଥିବା ଶୁଣାଯାଇଥିଲା।

### ବିଜେଡି ପୋଷ୍ଟରକୁ ନେଇ ଅଡୁଆ

ମିଶ୍ରଣ ପର୍ବ ହେଉଥିବା ମଞ୍ଚ ସମ୍ମୁଖରେ ଜଣେ ବିଧାୟକଙ୍କ ସମର୍ଥକମାନେ ଏକ ପୋଷ୍ଟର ଲଗାଇବା ଘଟଣା ଆୟୋଜକମାନଙ୍କୁ ଅଡୁଆରେ ପକାଇଥିଲା। ଏଥିରେ ନବୀନ ସରକାର ୨୨ଲକ୍ଷ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିଥିବା ସୂଚନା ରହିଥିଲା। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏହି ପ୍ରସଙ୍ଗ ଉଲ୍ଲେଖ କରି ପୋଷ୍ଟରରେ ଦର୍ଶାଯାଇଥିବା ୨୨ଲକ୍ଷ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବା ସତ୍ୟ କି ବୋଲି ପ୍ରଶ୍ନ କରି ବିଜେଡି ସରକାରକୁ ଖୋଲା ଚ୍ୟାଲେଞ୍ଜ କରିଥିଲେ। ନବୀନ ସରକାର ଏହାକୁ ପ୍ରମାଣିତ କଲେ, ସେ ରାଜନୀତି ଛାଡିଦେବେ ବୋଲି କହିଥିଲେ।

### ଉଠିଲା ଅସନ୍ତୁଷ୍ଟ ନେତାଙ୍କ ପ୍ରସଙ୍ଗ

ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଭାରେ ଭାଷଣ ଦେବା ବେଳେ ମିଶ୍ରଣକୁ ନେଇ ସିମୁଳିଆ ନିର୍ବାଚନ ମଣ୍ଡଳୀର ଅସନ୍ତୁଷ୍ଟ ଥିବା କର୍ମୀ ଓ ସଭାରେ ଅନୁପସ୍ଥିତ ଥିବା ଜଣେ ନେତାଙ୍କ ପ୍ରସଙ୍ଗ ଉଠାଇଥିଲେ। କୌଣସି ବ୍ୟକ୍ତିଗତ ଲୋକ ଉପରେ ଦଳ ନିର୍ଭର କରେ ନାହିଁ। ଯିଏ ଦଳର ବିଚାରଧାରା ସହିତ ଖାପଖୁଆଇ ପାରିଲା ତାଙ୍କୁ ଗ୍ରହଣ କରାଯିବ। ଦଳୀୟ ନେତୃବୃନ୍ଦଙ୍କ ନିକଟରେ ବସି ଏନେଇ ଆଲୋଚନା କରିବାରେ କିଛି ଅସୁବିଧା ନାହିଁ ବୋଲି ସେ କହିଥିଲେ।

### ବିଳମ୍ବରେ ସଭା ଆରମ୍ଭ ନେଇ ଅସନ୍ତୋଷ

ମିଶ୍ରଣସଭା ରବିବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ ବୋଲି ପୂର୍ବରୁ ପ୍ରଚାର କରାଯାଇଥିଲା। ନିମନ୍ତ୍ରିତ ଅତିଥିଙ୍କୁ ମଧ୍ୟ ଏହି ସମୟ ଦିଆଯାଇଥିଲା। ହେଲେ କେନ୍ଦ୍ରମନ୍ତ୍ରୀ ୨ଘଣ୍ଟା ୧୫ମିନିଟ ବିଳମ୍ବରେ ପହଞ୍ଚିବାରୁ ଉପସ୍ଥିତ କର୍ମୀ ଓ ନେତାଙ୍କ ଧୈର୍ଯ୍ୟଚ୍ୟୁତି ଘଟିଥିଲା। ବହୁ କର୍ମୀ ଅସନ୍ତୋଷ ପ୍ରକାଶ କରି ଭୋକ ବିକଳରେ ଏଣୁତେଣୁ କହୁଥିବା ଶୁଣିବାକୁ ମିଳିଥିଲା।

# ଔପଦାରେ ବିଜେଡି ଜନସମ୍ପର୍କ ଯାତ୍ରା

ଔପଦା, ୨୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ଓ ଗଡ଼ସାହି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ଯାତ୍ରା ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ସହସ୍ରାଧିକ ବିଜେଡି କର୍ମୀ, ସଭ୍ୟ, ସମର୍ଥକଙ୍କର ଏକ ବିଶାଳ ଶୋଭାଯାତ୍ରା ଆଦିବାସୀ ମାଦଳବାଦ୍ୟ ଓ ନୃତ୍ୟର ତାଳେ ତାଳେ ଔପଦା ବଜାର ପରିକ୍ରମା କରି ଔପଦା ହାଇସ୍କୁଲ ପଡ଼ିଆରେ ପହଞ୍ଚିଥିଲା। ବ୍ଲକ ସଭାପତି ଉମାକାନ୍ତ ମହପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସମିତିସଭ୍ୟ, ଏମ୍‌ପି ପ୍ରତିନିଧି ଅଶୋକ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ବାଲେଶ୍ୱର ଏମ୍‌ପି ଜେନା ବିଜେଡି ଦଳ ସାଧାରଣ ଲୋକଙ୍କ ଦଳ। ନବୀନ ବାବୁ ମାତୃ ଗର୍ଭରୁ ଶ୍ମଶାନ ଯାଏ ଯୋଜନା କରି ସମସ୍ତଙ୍କର ପ୍ରିୟନେତା ଓ ଦେଶର ୧ ନଂ. ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ ହୋଇଛନ୍ତି। ୨୦୧୯ ନିର୍ବାଚନରେ ବିଜେଡି ପୁଣି ବାଜିମାତ୍ କରିବ ବୋଲି ସେ କହିଥିଲେ। ସ୍ଥାନୀୟ ବିଧାୟକ ନାୟକ ନବୀନ ବାବୁ ବିକାଶ ପୁରୁଷ ଓ ତାଙ୍କରି ବହୁମୁଖୀ ଯୋଜନା ପେଟର ଭୋକ ମାରିବା ସହ ରାସ୍ତା, ଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ଏ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ବିଜେଡିର ଜିଲା ସମ୍ପାଦକ ନିରଞ୍ଜନ ମହାନ୍ତି ଓ ପର୍ଯ୍ୟବେକ୍ଷକ ଗୋପୀନାଥ ସେନାପତି ବିକାଶ ବିଜେଡି ସରକାରର ମୂଳମନ୍ତ୍ର ଓ ୨୦୧୯ ସାଧାରଣ ନିର୍ବାଚନରେ ଲୋକେ ପୁଣି ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ନଂ. ୧ ଜୋନ୍ ସଭ୍ୟା ସୁବାସିନୀ ବିଶ୍ୱାଳ, ୨ନଂ. ଜୋନ୍ ସଭ୍ୟ ଶୁଭେନ୍ଦୁ ମହାନ୍ତି, ଯୁବ ବିଜେଡି ବ୍ଲକ ସଭାପତି ଦୀପକ କୁମାର ଦାସ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ନାରୀନେତ୍ରୀ ସସ୍ମିତ ମଲ୍ଲିକ, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି ପ୍ରମୁଖ ନବୀନ ସରକାରଙ୍କର ବହୁମୁଖୀ ଯୋଜନାର ବ୍ୟାଖ୍ୟା କରିବା ସହ କେନ୍ଦ୍ର ମୋଦି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏମ୍‌ପି ପ୍ରତିନିଧି ଓ ସ୍ଥାନୀୟ ସମିତିସଭ୍ୟ ଅଶୋକ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।



ବିଜେଡି ଜନସମ୍ପର୍କ ପଦଯାତ୍ରାରେ ନେତା ଓ କର୍ମୀ।

## ଧଳାବାଡ଼ି ସପ୍ତାହ ପାଳିଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର



ଧଳାବାଡ଼ି ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର।

ଜଳେଶ୍ୱର, ୨୧।୧୦ (ଡି.ଏନ.ଏ.)

ଜଳେଶ୍ୱରସ୍ଥିତ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ଆନୁକୂଲ୍ୟରେ ଶନିବାର ଜଳେଶ୍ୱର ସହର ନନ୍ଦିକା ଗ୍ରାମସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳିତ ହୋଇଯାଇଛି। ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ସଭାପତି ବିଷ୍ଣୁପଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା, ସମ୍ମାନିତ ଅତିଥି ଭାବେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ସଭାପତି କମଳ ଚକ୍ରବର୍ତ୍ତୀ, ସାଧାରଣ ସମ୍ପାଦକ କପିଳେଶ୍ୱର ମହାନ୍ତି, ସହଦେବ ଦାସ, ଡ. ଈଶ୍ୱରଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସଶକ୍ତୀକରଣ ଓ ସକ୍ଷମ କରିବା ପାଇଁ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଶେଷରେ ଅଶୋକ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ଗିରି, ଅରୁଣ ବେଜ ଓ ଅନ୍ୟମାନେ ନିଜ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ଦିବ୍ୟାଙ୍ଗମାନଙ୍କୁ ଧଳାବାଡ଼ି ପ୍ରଦାନ କରାଯିବା ସହ ସହର ପରିକ୍ରମା କରାଯାଇଥିଲା।

# ସୋରରେ ମା'ଙ୍କୁ ବିଦାୟ

ସୋର, ୨୧।୧୦(ଡ଼ି.ଏନ.ଏ)

ସୋର ମ୍ୟୁନିସିପାଲିଟି ଓ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ମୋଟ ୨୪ଟି ପୂଜାମଣ୍ଡପ ମଧ୍ୟରୁ ସୋର ମ୍ୟୁନିସିପାଲିଟିରେ ୧୮ ପୂଜାମଣ୍ଡପ ହୋଇଥିଲା। ସୋର କେଦାରପୁରସ୍ଥିତ ମା'ଙ୍କ ପୀଠରେ ନବମୀ ପୂଜା ଦିନ ଶତାଧିକ ବୋଦା ବଳି ଦିଆଯାଇଥିଲା। ମାନସିକଧାରୀମାନେ ଏଠାରେ ପୂଜା କରିବା ସହିତ ବୋଦା ବଳି ଦେଇଥିଲେ। ଏହାକୁ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥିଲା। ସୋର ବଡ଼ଖୁରୀ ଛକ, ଉତ୍ତରେଶ୍ୱର ଛକ, ରାଧାନାଥ ସ୍କୁଲ ପଡ଼ିଆ, ନୂଆବସ୍ ଷ୍ଟାଣ୍ଡ, ସୋର ରେଳ ଷ୍ଟେଶନ୍, ଅନନ୍ତପୁର, ଟେଣ୍ଟେଇ, ପାଖର ଦୁର୍ଗାପୁର, ଆଙ୍ଗୁଳା, ମଙ୍ଗଳପୁର, ମାଣିପୁର ଆଦି ପୂଜା ମଣ୍ଡପରେ ବେଶ ଭିଡ଼ ହୋଇଥିଲା। ବିଭିନ୍ନ ପୂଜା ମଣ୍ଡପରେ ଭଜନକୀର୍ତ୍ତନ, ନାଚ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଦଶହରା ଦିନ ସୋର ମ୍ୟୁନିସିପାଲିଟିରେ ୧୩ଟି ପୂଜା ମଣ୍ଡପରେ ମା' ଦୁର୍ଗାଙ୍କୁ ଭସାଣି କରାଯାଇଥିଲା। ପ୍ରଶାସନ ତରଫରୁ ବିଭିନ୍ନ ପୂଜା ମଣ୍ଡପ ଓ ଭସାଣି ସମୟରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ମଦ ବେପାରୀଙ୍କ ଆକ୍ରମଣରେ ମହିଳା ଗୁରୁତର

ବସ୍ତା, ୨୧।୧୦(ସ୍ୱ.ପ୍ର.)

ବସ୍ତା ଥାନା ଗାନ୍ଧିଛକଠାରେ ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ସଙ୍ଗଠନ ଉପରେ ମଦ ବେପାରୀ ଆକ୍ରମଣ କରିଥିବା ଜଣାପଡିଛି। ଆକ୍ରମଣରେ ସୁଭଦ୍ରା ରାଉତ ନାମ୍ନୀ ଜଣେ ମହିଳା ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସଙ୍ଗଠନ ସଭାପତି ଜ୍ୟୋତ୍ସ୍ନା ମହାନ୍ତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୭୧/୧୮) ରୁଜୁ କରିଛି। ମଦବେପାରୀଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୨୭୦/୧୮) ମଧ୍ୟ ରୁଜୁ ହୋଇଛି। ସୂଚନା ଅନୁଯାୟୀ ସାମାଜିକ କର୍ମୀ ଜ୍ୟୋତ୍ସ୍ନା ମହାନ୍ତିଙ୍କ ନେତୃତ୍ୱରେ କେତେକ ମହିଳା ଶୁକ୍ରବାର ବସ୍ତା ଅଞ୍ଚଳ ଗାନ୍ଧିଛକ ଚୋରା ମଦଦୋକାନରେ ପହଞ୍ଚି ମଦ ବୋତଲ ସବୁ ଭାଙ୍ଗିଥିଲେ। ମହିଳାମାନେ ଦୁର୍ଗା ପୂଜାରେ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ମାତ୍ର ମଦ ବେପାରୀ ଖାତିରି କରି ନ ଥିଲେ। ଫଳରେ ମହିଳାମାନେ ଶୁକ୍ରବାର ମଦ ଦୋକାନରେ ପହଞ୍ଚିଥିଲେ। ମଦ ଦୋକାନୀ ଏବଂ ତାଙ୍କ ସମ୍ପର୍କୀୟମାନେ ମହିଳାଙ୍କୁ ଗାଳିଗୁଲଜ ସହ ନିସ୍ତୁକ ମାଡ ମାରିଥିଲେ। ଗାନ୍ଧିଛକ ରଣାଙ୍ଗନ ପାଲଟିଥିବା ବେଳେ କେତେକ ମହିଳା ପୋଲିସ ଓ ଅବକାରୀ ବିଭାଗକୁ ଫୋନ କଲେ ମଧ୍ୟ ସେମାନେ ଆସି ନ ଥିଲେ ବୋଲି ଅଭିଯୋଗ କରିଛନ୍ତି।

## ରାବଣପୋଡ଼ିରେ ଲକ୍ଷାଧିକ ଲୋକ

ବସ୍ତା, ୨୧।୧୦(ସ୍ୱ.ପ୍ର.)

ବିଜୟାଦଶମୀ ଉପଲକ୍ଷେ ବସ୍ତାର ଦୁଇଟି ସ୍ଥାନରେ ରାବଣ ପୋଡ଼ି ଅନୁଷ୍ଠିତ ହୋଇଯାଇଛି। ବସ୍ତା ଈଶ୍ୱରବର୍ତ୍ତୀ ମନ୍ଦିର ପଡ଼ିଆରେ ଶୁକ୍ରବାର ଆୟୋଜିତ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ସୁବାସିନୀ ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ, ସରପଞ୍ଚ ଅନିଲ କୁମାର ମହାନ୍ତି, ସମିତିସଭ୍ୟ ରବୀନ୍ଦ୍ର ଦାସ, ମନୋଜ କୁମାର ମହାନ୍ତି, ଶଙ୍କର କୁମାର କର, ଦେବେନ୍ଦ୍ର ନାୟକ, ଅନୁପମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବସ୍ତା ଦକ୍ଷିଣ ରେଳ କେବିନ ପଡିଆରେ ମଧ୍ୟ ରାବଣପୋଡି ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ କୁମାର ନାୟକ, ଯୁବକଂଗ୍ରେସ ସଭାପତି ସୁଧାଂଶୁ ଯେନା, ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ପତ୍ରଝଡା ସରପଞ୍ଚ ପ୍ରଣତି ସାହୁ, ସମିତିସଭ୍ୟ କମଳଲୋଚନ ଜେନା, ବାସୁଦେବ ପ୍ରଧାନ, ଜଗଦୀଶ ସାହୁ, କୁନା ସାହୁ, ଧ୍ରୁବଚରଣ ଜେନା ଓ ଶରତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବସ୍ତା ବଜାର ଓ ଆଖପାଖ ଅଞ୍ଚଳରୁ ବହୁ ଲୋକ ସମାଗମ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ସିମୁଳିଆରେ ପଥ ସଞ୍ଚାଳନ ଉତ୍ସବ

ସିମୁଳିଆ, ୨୧।୧୦(ଡି.ଏନ.ଏ.)



ବଣାପଡ଼ିଆରେ ଆର୍‌ଏସ୍‌ଏସ୍ ସଂଘର ଶାରୀରିକ ପ୍ରଦର୍ଶନ।

ହିନ୍ଦୁ ସମାଜକୁ ସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଗୁରୁବାର ଭଦ୍ରକ ଜିଲା ପକ୍ଷରୁ ସ୍ୱୟଂସେବକ ସଂଘ (ଆର୍.ଏସ୍.ଏସ୍.) ପକ୍ଷରୁ ପବିତ୍ର ବିଜୟା ଦଶମୀ ଓ ପଥ ସଞ୍ଚାଳନ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରୁ ପଥ ସଞ୍ଚାଳନ ଉତ୍ସବ ଆରମ୍ଭ ହୋଇ ରିଆ, ମାର୍କୋଣା, ବସ୍‌ଷ୍ଟାଣ୍ଡ ଓ ଷ୍ଟେଶନ ଛକ ପରିକ୍ରମା କରିଥିଲା। ଏଥିରେ ଶତାଧିକ ସ୍ୱୟଂ ସେବକ ପୂର୍ଣ୍ଣ ଗଣବେଶରେ ଅଂଶଗ୍ରହଣ କରିଥିଲେ।

ଗୈରିକ ପତାକାକୁ ସ୍ଥାନୀୟ ଲୋକେ ଶଙ୍ଖ ବାଦନ ଓ ପୁଷ୍ପ ଅର୍ପଣ କରି ସ୍ୱାଗତ ଜଣାଇଥିଲେ। ପରେ ବଣା ପଡ଼ିଆରେ ସ୍ୱୟଂସେବକମାନଙ୍କ ଦ୍ୱାରା ଶାରିରୀକ କୌଶଳ ପ୍ରଦର୍ଶନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ସ୍ଥାନୀୟ ଅଞ୍ଚଳର ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ମିଶ୍ର ଯୋଗଦେଇ ସ୍ୱୟଂ ସେବକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱୟଂସେବକ ସଂଘ ଓଡ଼ିଶା ପୂର୍ବ ପ୍ରାନ୍ତ ପ୍ରଚାରକ ପ୍ରମୁଖ ରବିନାରାୟଣ ପଣ୍ଡା ବିଜୟା ଦଶମୀ ଉତ୍ସବ ପାଳନର ମହତ୍ତ୍ୱ ଓ ହିନ୍ଦୁ ସମାଜକୁ ସଙ୍ଗଠିତ କରିବା ଲକ୍ଷ୍ୟରେ ବର୍ଷ ବର୍ଷ ଧରି ଚାଲିଥିବା ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଘର ମାର୍କୋଣା ଖଣ୍ଡର କାର୍ଯ୍ୟବାହକ ଅରୁଣ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବାଲେଶ୍ୱର ମିଶାଇଲ୍ ଟିମ୍ ଚାମ୍ପିୟନ୍

ସଜନାଗଡ଼, ୨୧।୧୦(ଡି.ଏନ.ଏ.)

ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧ ଜେକେଏସି କ୍ଲବ ତରଫରୁ ବୈଷ୍ଣବବନ୍ଧ ଫୁଟ୍‌ବଲ ପଡ଼ିଆରେ ଦୁଇଦିନ ଧରି 'ପିସି ଏଣ୍ଡ ବିକେ ମେମୋରିଆଲ' ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୬ଟି ଟିମ୍ ଭାଗ ନେଇଥିଲେ। ଶନିବାର ୮ଟି ଟିମ୍ ଖେଳିଥିବା ବେଳେ ରବିବାର ୮ଗୋଟି ଟିମ୍ ମ୍ୟାଚ୍ ଖେଳିଥିଲେ। ଏଥିରୁ ବାଲେଶ୍ୱର ମିଶାଇଲ୍ ଟିମ୍ ଏବଂ ବନ୍ଧସାହି ସିଦ୍ଧକାହ୍ନୁ ଟିମ୍ ଫାଇନାଲରେ ପ୍ରବେଶ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ସରୋଜିନୀ ହେମ୍ବ୍ରମ୍ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ଆୟୋଜକମାନେ ଏପରି କ୍ରୀଡ଼ା ଆୟୋଜିତ କରୁଥିବାରୁ ସାଧୁବାଦ ଜଣାଇଥିଲେ। ଗିରିଶ ଦାସ, ଚନ୍ଦନ ରାୟ, ଚିତ୍ତରଞ୍ଜନ ଚୌଧୁରୀ, ନିମାଇଁ ଚରଣ ମାଝି, ଗୋପାଳ ମାଝି ଓ ଗଙ୍ଗାଧର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

ରବିବାର ଫାଇନାଲ ମ୍ୟାଚ୍ ବାଲେଶ୍ୱର ମିଶାଇଲ୍ ସହ ବନ୍ଧସାହି ସିଦ୍ଧକାହ୍ନୁ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ମିଶାଇଲ୍ ଟିମ୍ ୧-୦ ଗୋଲରେ ଚାମ୍ପିୟନ୍ ହୋଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ଚାମ୍ପିୟନ୍ ବାଲେଶ୍ୱର ମିଶାଇଲ୍ ଟିମ୍‌କୁ ୨୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ସିଦ୍ଧକାହ୍ନୁ ଟିମ୍‌କୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚ୍‌ରେ ପ୍ରଦୀପ ଦାସ, କାର୍ତ୍ତିକ ସାହୁ, ପ୍ରୀତମ୍ ମାଝି ଓ ଶମ୍ଭୁ ସିଂ ରେଫେରୀ ଦାୟିତ୍ୱରେ ଥିବା ବେଳେ କମେଣ୍ଟର ଭାବେ ଏସ୍. ଏସ୍. ବିଜୁ କାର୍ଯ୍ୟ ତୁଲାଇଥିଲେ। କ୍ଲବର ସମ୍ପାଦକ ଗୋବିନ୍ଦ ମାଝି, ସଭାପତି ଭରତ ମାଝି, କାର୍ତ୍ତିକ ମାଝି, ମାସାଙ୍ଗ ମାଝି, ସୁବ୍ରତ ମାଝି, କାଶୀନାଥ ମାଝି ଓ ରଞ୍ଜନ ସରେନ୍ ପ୍ରମୁଖ ସହଯୋଗ କରିଥିଲେ। ଫାଇନାଲ୍ ମ୍ୟାଚ୍ ଦେଖିବା ପାଇଁ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।



ଫାଇନାଲ ମ୍ୟାଚ୍‌ରେ ମଞ୍ଚାସୀନ ଅତିଥି।

# 'ବଦଳିଛି ଆଇନଶୃଙ୍ଖଳା ପରିସ୍ଥିତି'

ବାଲେଶ୍ୱର ଅଫିସ, ୨୧।୧୦



ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ।

ବାଲେଶ୍ୱର ପୋଲିସ ପଡ଼ିଆରେ ୫୯ତମ ପୋଲିସ ଶହୀଦ ଦିବସ ରବିବାର ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ମୁଖ୍ୟଅତିଥି ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ବି. ଯୁଗଳ କିଶୋର କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ।

ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ୧୫-୨୦ ବର୍ଷ ପୂର୍ବରୁ ଭାରତବର୍ଷର ଆଇନଶୃଙ୍ଖଳା ପରିସ୍ଥିତି ଯେପରି ଭାବେ ଥିଲା ତା'ର ସୁଧାର ଆସିଛି। ପୋଲିସ ଉପରେ ବହୁ ଦାୟିତ୍ୱ ରହିଛି। ଲୋକଙ୍କୁ ସୁରକ୍ଷା ଦେବା, ଅପରାଧ ନିୟନ୍ତ୍ରଣ କରିବା, ଆଇନ ବ୍ୟବସ୍ଥାକୁ ଠିକ୍ ରଖିବା ପାଇଁ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା, କଶ୍ମୀର ଏବଂ ପଞ୍ଜାବରେ ଆନ୍ତରିକ ସୁରକ୍ଷା ଗୋଟିଏ ବିରାଟ ସମସ୍ୟା ଥିଲା। ଏବେ ସେଥିରେ ସୁଧାର ଆସିଛି। ଜନସାଧାରଣ ଅତି ସୁରକ୍ଷିତ ଭାବେ ରହିଆସୁଛନ୍ତି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଆୟୋଜିତ ସମ୍ମିଳିତ ପରେଡ୍‌କୁ ଆର୍‌ଆଇ ଦିଲୀପ ସାମନ୍ତରା ଏବଂ ସର୍ଜେଣ୍ଟ ପ୍ରବୀଣ କୁମାର କୁଅଁର ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ଜେନା, ତୁଷାରକାନ୍ତ ଜେନା, ଦୀନଜନ ନାୟକ, ଡିଏସ୍‌ପି ମନୁବ୍ରତ ଶତପଥି ଏବଂ ଦାକ୍ଷିଣୀଚରଣ ମୁର୍ମୁ ପ୍ରମୁଖ ଯୋଗଦେଇ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ଦେଇ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କଂଗ୍ରେସର ବନ୍ଧୁମିଳନ

ବାଲିଆପାଳ, ୨୧।୧୦(ଡି.ଏନ.ଏ.)

ବାଲିଆପାଳ କଂଗ୍ରେସ କମିଟି ତରଫରୁ ରବିବାର ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଜୟାଦଶମୀ ଅବସରରେ ଦଳୀୟ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଶରତ ରାଜ ଯୋଗଦେଇ ଦଳକୁ ମଜଭୁତ କରିବା ପାଇଁ କର୍ମୀମାନେ ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ତୃଣମୂଳସ୍ତରରେ ସଙ୍ଗଠନକୁ ମଜବୁତ କରିବା ନେଇ ସେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସୁରେଶ ଚନ୍ଦ୍ର ସେନାପତି, ନରହରି ଜେନା, ଦେବକୁମାର ଦେ, ମୂରଲୀମୋହନ ସାହୁ, ସରୋଜ ପିଳା, ବ୍ଲକ ଅଧ୍ୟକ୍ଷ ବିଜନ କୁମାର ନାୟକ ପ୍ରମୁଖ ଦଳୀୟ କର୍ମୀମାନେ ବନ୍ଧୁମିଳନ ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ।

**ସଂକ୍ଷେପରେ**

## ପୋଖରୀରେ ବୁଡ଼ି ମହିଳା ମୃତ

**ତିହିଡ଼ି,୨୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ନୂଆନନ୍ଦ ପଞ୍ଚାୟତ ହାଟୁଆରି ଗ୍ରାମର ବିଷ୍ଣୁପ୍ରିୟା ମହାଳିକ(୨୬) ରବିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଗ୍ରାମ ନିକଟସ୍ଥ ପୋଖରୀକୁ ବାସନ ମାଜିବାକୁ ଯାଇଥିବାବେଳେ ତାଙ୍କ ମୁଣ୍ଡ ବୁଲାଇ ଦେବାରୁ ପାଣିରେ ପଡ଼ିଯାଇଥିଲେ। ଗ୍ରାମବାସୀ ତାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ତିହିଡ଼ି ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୮/୧୮) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ହୃଦ୍‌ଘାତରେ ୨ ଜଣଙ୍କ ମୃତ୍ୟୁ

**ବାସୁଦେବପୁର,୨୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ହୃଦ୍‌ଘାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କିଷ୍ଣକୃଷ୍ଣପୁର ପଞ୍ଚାୟତ ରାଉତସାହିର ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ରାଉତ(୫୮) ଓ ଗଞ୍ଜାମ ଜିଲାର ବ୍ରହ୍ମପୁର ସହର ନିକଟବର୍ତ୍ତୀ ଜୟନଗର ଗ୍ରାମର ଯାତ୍ରା କଳାକାର ସନ୍ତୋଷ ଜେନା(୪୫)। ଶନିବାର ବିଳମ୍ବିତ ରାତିରେ ରାଉତସାହି ଗ୍ରାମର ଅଚ୍ୟୁତାନନ୍ଦ ଛାତିରେ ଯନ୍ତ୍ରଣା ଅନୁଭବ କରି ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଯାତ୍ରା ଅଭିନେତା ସନ୍ତୋଷ ବାଲିମୁଣ୍ଡାରେ ଯାତ୍ରା ପରିବେଷଣ କରି ରବିବାର ସକାଳେ ନିତ୍ୟକର୍ମ କରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାୟକାଣିଡିହୀ ଥାନା ପୋଲିସ ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

## ଜାତୀୟ ଶିଶୁ ତୀରନ୍ଦାଜୀ ପ୍ରତିଯୋଗିତାରେ ଭଦ୍ରକର ଜିଜ୍ଞାଂଶୁ



**ଭଦ୍ରକ ଅଫିସ,୨୧।୧୦:** ଆସନ୍ତା ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ବିଜୟୱାଡାଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାର ୯ ବର୍ଷରୁ କମ୍ ବର୍ଗରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଭଦ୍ରକ ଜିଲାରୁ ଜିଜ୍ଞାଂଶୁ ଦୀକ୍ଷିତ ଏଥିରେ ସାମିଲ ହୋଇଛନ୍ତି। ଓଲଙ୍ଗ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତାରେ ୨୬୯ ପଏଣ୍ଟ ହାସଲ କରି ସେ ଜାତୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଭଦ୍ରକ ଜିଲା ଆର୍ଚେରି ସଂଘ ଅଧୀନରେ ସେ ପ୍ରଶିକ୍ଷଣ ଶିବିରରେ ୧୫ ଦିନ ଧରି ତାଲିମ ନେଉଛନ୍ତି। ଜିଲା ସଂଘର ସଭାପତି ଅକ୍ଷୟ ପ୍ରସାଦ ମହାନ୍ତି, ସମ୍ପାଦକ ସ୍ୱଦେଶ ରଞ୍ଜନ ରାଉତ, ସହସମ୍ପାଦକ ଚିନ୍ମୟ ବେହେରା ଏବଂ ରାଜ୍ୟ ସଂଘ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ତାଙ୍କର ସଫଳତା କାମନା କରିଛନ୍ତି। ଜିଜ୍ଞାଂଶୁ ସୋମବାର ବିଜୟୱାଡା ଅଭିମୁଖେ ଯାତ୍ରା କରିବେ।

## ହୃଦୟ ରଞ୍ଜନ ବିସିଜେଡିର ଜିଲା ଉପସଭାପତି

**ବନ୍ତ,୨୧।୧୦(ସ୍ୱ.ପ୍ର.):** ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ଦେବତାଗଡ଼ିଆ ଗ୍ରାମର ହୃଦୟ ରଞ୍ଜନ ମହାପାତ୍ରଙ୍କୁ ବିଜୁ ଛାତ୍ର ଜନତା ଦଳ(ବିସିଜେଡି)ର ଜିଲା ଉପସଭାପତି ଭାବେ ମନୋନୀତ କରାଯାଇଥିବା ବ୍ଲକ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ରଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ତଥାଗତ ସାମଲଙ୍କ ଚିଠି ଆଧାରରେ ବନ୍ତ ସ୍ଥିତ ଜଳସେଚନ ଡାକବଙ୍ଗଳାରେ ଅପରାହ୍ନରେ ଆୟୋଜିତ ସମ୍ମିଳନୀରେ ବ୍ଲକ ଯୁବ ବିଜୁ ଜନତା ଦଳର ସଭାପତି ପ୍ରଣବ କିଶୋର ଲେଙ୍କା ଏହି ସୂଚନା ଦେଇଥିଲେ। ଯୁବ ବିଜୁ ଜନତା ଦଳର ଜିଲା ସମ୍ପାଦକ ସମିମ ନୱାଜ, ବନ୍ତ ସରପଞ୍ଚ କୃପାସିନ୍ଧୁ ସେଠୀ, ବନ୍ତ ମହାବିଦ୍ୟାଳୟର ପୂର୍ବତନ ଛାତ୍ରସଂସଦ ସଭାପତି ଶକ୍ତିଧର ରାଉତ, ସମ୍ପାଦକ ଚିତରଞ୍ଜନ ପଣ୍ଡା, ଉପସଭାପତି ତଥାଗତ ଧଳ, ବନ୍ତ ମହାବିଦ୍ୟାଳୟର ଛାତ୍ରସଂସଦ ସମ୍ପାଦକ ରାକେଶ ଧଳ ପ୍ରମୁଖ ନୂତନ ଜିଲା ଉପସଭାପତି ମହାପାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଖିତିଶ ନାୟକ, ଅଜିତ ଜେନା, ଅଜଗର ଅଲି, ପ୍ରମୋଦ ନାଥ, ଅଜିତ ପଣ୍ଡା, ବାପୁଜୀ ପେଡାଙ୍କ ସମେତ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ‘ପରିଶ୍ରମ କର, ସଫଳତା ମିଳିବ’

**ଭଦ୍ରକ ଅଫିସ,୨୧।୧୦**



ନରେନ୍ଦ୍ର ସାହୁ।

କହିବାଠାରୁ କାମରେ କରି ଦେଖାଇବାର ମଜା ନିଆରା। ଏ କଥାକୁ ଗୁରୁତ୍ୱ ଦେଇ ଭଦ୍ରକ କଚେରି ବଜାରର ଜଣାଶୁଣା ବ୍ୟବସାୟୀ ତଥା ଅନୁଷ୍ଠାନପ୍ରେମୀ ନରେନ୍ଦ୍ର ଓରଫ ପାଗୁଲୁ ସାହୁ(୬୨) ପଲିଥିନ ବ୍ୟବହାର ରୋକିବା କାମରେ ଲାଗିପଡ଼ିଛନ୍ତି। ନିଜ ହୋଟେଲ ପରିସରରେ ପଲିଥିନର ବ୍ୟବହାର ବନ୍ଦ କରି ଏଥିଲାଗି ‘ସଚେତନତା ଫଳକ’ ଲଗାଇଛନ୍ତି। ହୋଟେଲରୁ ପାର୍ସଲ ନେଉଥିବା ଲୋକଙ୍କୁ ଫଏଲ ଓ କାଗଜ ପ୍ୟାକେଟରେ ସେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଉଛନ୍ତି। ଘରୁ ବ୍ୟାଗ୍ ଆଣିବାକୁ ମଧ୍ୟ ଗ୍ରାହକମାନଙ୍କୁ ବୁଝାଉଛନ୍ତି। ନିଜେ ପରିଚାଳନା କରୁଥିବା ଏକ ଘରୋଇ ସ୍କୁଲ ଓ କଲେଜରେ ଅନୁରୂପ ସଚେତନତା ସୃଷ୍ଟି କରୁଛନ୍ତି।

ଜଣେ ସଫଳ ବ୍ୟବସାୟୀ ଭାବେ ନରେନ୍ଦ୍ର ଯେତିକି ଜଣାଶୁଣା, ଜଣେ ସଂଗଠକ ଓ ଅନୁଷ୍ଠାନପ୍ରେମୀ ମଣିଷ ଭାବେ ସେତିକି ସୁନାମର ଅଧିକାରୀ ହୋଇଛନ୍ତି। ଏକଦା ପରିବାର ପ୍ରତିପୋଷଣ ପାଇଁ ସେ ବିଭିନ୍ନ ସିଜିନାଲ ବେପାର ଆରମ୍ଭ କରିଥିଲେ। ରାଖି ପୂର୍ଣ୍ଣିମା ପାଇଁ ରାଖି ଓ ଦୀପାବଳି ପାଇଁ ବାଣ ଆଣି ବିକ୍ରି କରୁଥିଲେ। ହାତରେ ମାତ୍ର ୧୦୦ ଟଙ୍କା ଧରି ସେ ପ୍ରଥମେ ବ୍ୟବସାୟ ଆରମ୍ଭ କରିଥିବା କହନ୍ତି। ଅଧ୍ୟବସାୟ, ପରିଶ୍ରମ ଓ ଲୋକଙ୍କୁ ସେବା ଯୋଗାଇବା ମନୋଭାବ ବ୍ୟବସାୟିକ ସଫଳତାର ଚାବିକାଠି। ପରିଶ୍ରମ କର, ଫଳ ଆପେ ମିଳିବ। ଏକଥା ସେ ତାଙ୍କ ଅନୁଭୂତିରୁ ଶିକ୍ଷା କରିଛନ୍ତି ବୋଲି କହନ୍ତି ନରେନ୍ଦ୍ର।

ତାଙ୍କ ପିଲାବେଳର ଜୀବନ ଥିଲା ସଂଘର୍ଷମୟ। ୧୯ବର୍ଷ ହୋଇଥିବା ବେଳେ ବାପା ଅନାଦି ଚରଣ ସାହୁଙ୍କ ଦେହାନ୍ତ ଘଟିଲା। ୫ ଭଉଣୀରେ ସେ ଥିଲେ ଗୋଟିଏ ଭାଇ। ପରିବାରର ସ୍ଥିତି ଠିକ୍ ନ ଥିବାରୁ ଦଶମ ଶ୍ରେଣୀରୁ ତାଙ୍କ ପାଠପଢାରେ ଡୋରି ବନ୍ଧା ହୋଇଥିଲା। ପାଠପଢା ବନ୍ଦ ପରେ ପରିବାର ଦାୟିତ୍ୱ ତୁଲାଇବାକୁ ସେ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ପ୍ରଥମେ ଆରମ୍ଭ କରିଥିଲେ ସିଜିନାଲ ରାଖି ବେପାର। ରାଖି ପୂର୍ଣ୍ଣିମାର ୨ ମାସ ଆଗରୁ ସେ ବିଭିନ୍ନ ସାମଗ୍ରୀ କିଣି ରାଖି ପ୍ରସ୍ତୁତ କରୁଥିଲେ। ସ୍ଥାନୀୟ ପିଲା ଓ ମହିଳାଙ୍କୁ ଲଗାଇ ସେ ରାଖି ପ୍ରସ୍ତୁତ କରି ବ୍ୟବସାୟିକ ସଫଳତାର ଶିଡ଼ି ଚଢ଼ିବା ଆରମ୍ଭ କରିଥିଲେ। ଏଥିରେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟକୁ ରୋଜଗାରର ବାଟ ଦେଖାଇପାରିଥିଲେ। ବର୍ତ୍ତମାନ ସେ ତାଙ୍କ ବ୍ୟବସାୟରେ ଶତାଧିକ ବେକାର ଯୁବକଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ପରିବାରକୁ ପରୋକ୍ଷ ଭାବେ ପ୍ରତିପୋଷଣ କରୁଛନ୍ତି। ବ୍ୟବସାୟିକ କାର୍ଯ୍ୟରେ ବ୍ୟସ୍ତ ରହିବା ସତ୍ତ୍ୱେ ସେ ଖୋଲିଥିବା ଘରୋଇ ସ୍କୁଲ ଓ କଲେଜକୁ ନିୟମିତ ଯାଇ ଛାତ୍ରୀଛାତ୍ରଙ୍କ ଭଲମନ୍ଦ କଥା ବୁଝିଆନ୍ତି। ସ୍କୁଲ ଓ କଲେଜର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରି ନିଷ୍ଠାର ସହ କାର୍ଯ୍ୟ କରିଆସୁଛନ୍ତି। ସମସ୍ତେ ତାଙ୍କୁ ପାଗୁଲୁ ସାର୍ ବୋଲି ଡାକନ୍ତି। ସହରରେ କୌଣସି ସାମାଜିକ କାର୍ଯ୍ୟ ହେଲେ ଲୋକେ ପ୍ରଥମେ ତାଙ୍କୁ ଖୋଜିଆନ୍ତି। ସ୍ତ୍ରୀ କମଳା ସାହୁ, ୩ ଝିଅ ଓ ଗୋଟିଏ ପୁଅକୁ ନେଇ ନରେନ୍ଦ୍ରଙ୍କ ପରିବାର। ବଡଝିଅ ଉଚ୍ଚଶିକ୍ଷିତା ହୋଇ ବାହା ହୋଇସାରିଛନ୍ତି। ଅନ୍ୟ ୨ ଝିଅ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ସାନପୁଅ ଏବେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି।

## ପରଲୋକରେ ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର

**ଧାମନଗର,୨୧।୧୦(ଡି.ଏନ.ଏ.)**



ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ବୈଶାଖ।

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ନଦୀଗାଁ ଗ୍ରାମର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ବୈଶାଖ(୯୩ )ଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ଶନିବାର ରାତି ପ୍ରାୟ ୨ଟା ସମୟରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀରକୁ ନଦୀଗାଁକୁ ଅଣାଯାଇ ଗ୍ରାମ ଏବଂ ବଜାର ପରିକ୍ରମା ପରେ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ନଦୀଗାଁ ସରପଞ୍ଚ ମନୋଜ ରାୟ ମହାପାତ୍ର, ଭଙ୍ଗସାହିର ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ପୂର୍ବତନ ସମିତିସଭ୍ୟ ବାବୁଲାଲ ସାହୁ, ହରିହର ବେହେରା, ଦୀନବନ୍ଧୁ ବୈଶାଖଙ୍କ ସମେତ ବ୍ଲକର ବହୁ ବରିଷ୍ଠ ସଂଗ୍ରାମୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଶେଷ ଦର୍ଶନ କରିଥିଲେ। ଉଲ୍ଲେଖନୀୟ ଯେ, ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ସଂଗ୍ରାମୀ ବୈଶାଖଙ୍କ ପ୍ରମୁଖ ଭୂମିକା ଥିଲା। ଏହାସହିତ ନଦୀଗାଁରେ ଶିକ୍ଷାର ପ୍ରସାର ପାଇଁ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟସେବା ନିମନ୍ତେ ନଦୀଗାଁରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ସେ ପ୍ରତିଷ୍ଠାତା ସଦସ୍ୟ ଭାବେ ପରିଚୟ ସୃଷ୍ଟି କରିଥିଲେ।

## ପୋଲିସ ଶହୀଦ ଦିବସ ପାଳିତ



ମତୋ ହାଇସ୍କୁଲ ପରିସରରେ ପୋଲିସ ଶହୀଦ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଚାନ୍ଦବାଲି,୨୧।୧୦(ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ମତୋ ହାଇସ୍କୁଲ ପରିସରରେ ରବିବାର ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ର ଓ କାର୍ଯ୍ୟରତ ଅବସ୍ଥାରେ ବଳିଦାନ ଦେଇଥିବା ପୋଲିସ ସବଇନ୍ସପେକ୍ଟର ରାଜୀବ ଲୋଚନ ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରାଜୀବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଆୟୋଜିତ ସ୍ମୃତିସଭାରେ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦର ସଭାପତି କମଳାକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏସ୍‌ଡିପିଓ ତରୁଣ କୁମାର ଦାସ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଥାନାଧିକାରୀ ମିନତି ବିଶ୍ୱାଳ, ଶିକ୍ଷକ କାହ୍ନୁଚରଣ ଦାସ, ମତୋ ସରପଞ୍ଚ ମୁକ୍ତିକାନ୍ତ ସେଠୀ, ମତୋ ଫାଣ୍ଡି ଅଧିକାରୀ ମନୋଜ ରାଉତ, ସୁଶାନ୍ତ ବେହେରା, ନବଘନ ସାମଲ, ବ୍ରହ୍ମାନନ୍ଦ ପରିଡ଼ା, ବୈକୁଣ୍ଠନାଥ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ରାସବିହାରୀ ସଂଯୁକ୍ତ ବିଦ୍ୟାମନ୍ଦିର ହୀରକ ଜୟନ୍ତୀ ସମାରୋହ

**ବାସୁଦେବପୁର,୨୧।୧୦(ଡି.ଏନ.ଏ.)**



ସମାରୋହରେ ଉପସ୍ଥିତ ଅତିଥିମାନେ।

ବାସୁଦେବପୁରର ଗୁଆଗଡ଼ିଆ ରାସବିହାରୀ ସଂଯୁକ୍ତ ବିଦ୍ୟାମନ୍ଦିର ହୀରକ ଜୟନ୍ତୀ ମହୋତ୍ସବର ଶାରଦୀୟ ସାରସ୍ୱତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ସିମୁଳିଆ ବିଡିଓ ଡା. ନରହରି ବେହେରା ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଲେ ସଫଳତାର ଶୀର୍ଷକୁ ଛୁଇଁପାରିବେ ବୋଲି ବିଡିଓ ବେହେରା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ଅନ୍ୟତମ ଅତିଥି ଭାବେ କବି ବିକାଶ ଶତପଥୀ, ଗୀତିକାର ପୀତାମ୍ବର ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ବିଷ୍ଣୁମୋହନ ନାୟକ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ସମିତି ସଭାପତି ଡା. ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ପଣ୍ଡିତ ଦୟାନିଧି ଦାସ ଅତିଥି ପରିଚୟ ଏବଂ ସମିତି ସମ୍ପାଦକ ସୁଦର୍ଶନ ଅଗସ୍ତୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ପୁରାତନ ଛାତ୍ର ଓ କବିମାନେ କବିତାପାଠ କରିଥିଲେ। ବାସୁଦେବପୁର ମାଟିର ଐତିହ୍ୟ, ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଶିଶୁମନ୍ଦିର ପକ୍ଷରୁ ଚାରାରୋପଣ

**ଭଣ୍ଡାରିପୋଖରୀ, ୨୧।୧୦(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବୌଦ୍ଧବିହାରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ୪ ପର୍ଯ୍ୟାୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଘୁନାଥଜୀଉ ମନ୍ଦିର, ଗୋପୀନାଥ ଜୀଉ ମଠ, ବଲ୍ଲଭିଘାଟସ୍ଥିତ ଅଲେଖ ମହିମା ଆଶ୍ରମ ଓ ମୁଦ୍ରାପଦାସ୍ଥିତ ବିଲ୍ୱମଳା ବାବା ବୈଦ୍ୟନାଥ ମନ୍ଦିର ପରିସରରେ ବିଭିନ୍ନ ଚାରାରୋପଣ କରାଯିବା ସହ ସୁରକ୍ଷା ବାଡ଼ ଦିଆଯାଇଥିଲା। ବିଦ୍ୟାମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଞ୍ଚାଳନାରେ ବିଶ୍ୱେଶ୍ୱର ନାୟକ, ସତ୍ୟବାଦୀ ଗାହାଣ, ଅରବିନ୍ଦ ନାୟକ, ମୀନକେତନ ବେହୁରିଆ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ।

## ଆଶ୍ରମ ପିଲାଙ୍କୁ ପାଠ୍ୟ ଉପକରଣ ବାଣ୍ଟିଲେ

**ତିହିଡ଼ି,୨୧।୧୦(ଡି.ଏନ.ଏ.)**



ଶିକ୍ଷାବିତ୍ ପୀତବାସ ମହାରାଜ ପାଠ୍ୟ ଉପକରଣ ବଣ୍ଟନ କରୁଛନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ରାଣୀପୁର ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପୀତବାସ ମହାରାଜ ଦୋଳସାହି ପଞ୍ଚାୟତର ଯୋଗୀ ଋଷି ଲକ୍ଷ୍ମନ ଦାସ ଶିଶୁ ଆଶ୍ରମର ପିଲାଙ୍କ ସହ ଦଶହରା ପର୍ବ ପାଳନ କରିଛନ୍ତି। ସେ ଆଶ୍ରମ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିବା ସହ ସ୍କୁଲ ପରିସରରେ ଚାରାରୋପଣ କରିଥିଲେ। ଆଗାମୀ ଦିନରେ ୫୦ ସ୍କୁଲରେ ଚାରାରୋପଣ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଥିଲେ। ଶିକ୍ଷାବିତ୍ ମହାରାଜ ‘ଗଛ ବଞ୍ଚିଲେ ଆମେ ବଞ୍ଚିବା’ ପୁସ୍ତକ ମଧ୍ୟ ରଚନା କରି ଗଛ ପ୍ରତି ଉଦାର ମନୋଭାବ ପୋଷଣ ଲାଗି ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ ଆଶ୍ରମ ପରିସରରେ ରାମନାରାୟଣ ନାୟକଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ପ୍ରଭାତ ରାଉଳ, ଆଶ୍ରମର ସମ୍ପାଦକ ଲୋକନାଥ ପତି ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ମହାରାଜ ଏହି କାର୍ଯ୍ୟଧାରାକୁ ଆଗାମୀ ଦିନରେ ବଜାୟ ରଖିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ବିକାଶ ପ୍ରିୟଦର୍ଶୀ, ମନୋଜ ଦାସ, ତ୍ରିଲୋଚନ ମହାଳିକ, ସୁଦୀପ୍ତ ମହାରାଜ, କାଞ୍ଚନବାଳା ମହାରାଜ, ରଶ୍ମିରଞ୍ଜନ ବେହେରା, ଜ୍ୟୋତିପ୍ରକାଶ ପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା



ଭଦ୍ରକରେ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭଦ୍ରକ ଅଫିସ,୨୧।୧୦**

- ବାଙ୍ଗାଲୋରରେ ଦସ୍ତଖତ ଅଭିଯାନ
- ଭଦ୍ରକରେ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ବଢ଼ିବାରେ ଲାଗିଛି। ରବିବାର ଏଥିପାଇଁ ଭଦ୍ରକ ସମେତ ବାଙ୍ଗାଲୋରରେ ବିବିଧ କାର୍ଯ୍ୟକ୍ରମ କରାଯାଇ ଭଦ୍ରକ ମେଡିକାଲ କଲେଜ ସଂଗ୍ରାମୀ ସେନା ପକ୍ଷରୁ ଦାବିକୁ ଜୋରଦାର କରାଯାଇଛି। ବାଙ୍ଗାଲୋରଠାରେ ବସବାସ କରୁଥିବା ଭଦ୍ରକର ବାସିନ୍ଦାମାନେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଉଠିଥିବା ଦାବିକୁ ସମର୍ଥନ ଜଣାଇ ଆଗକୁ ବାହାରିଥିବା ଜଣାଯାଇଛି। ପ୍ରବାସୀ ଭଦ୍ରକ ବାସିନ୍ଦା ରବିବାର ବାଙ୍ଗାଲୋରସ୍ଥିତ ଆଗ୍ରା ଜଗନ୍ନାଥ ମନ୍ଦିର ନିକଟରେ ଏକତ୍ର ହୋଇଥିଲେ। ଶତାଧିକ ବ୍ୟକ୍ତି ଦସ୍ତଖତ ସଂଗ୍ରହ କରି ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ପ୍ରଧାନମନ୍ତ୍ରୀଙ୍କ ଦପ୍ତର ସମେତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ସୁଶାନ୍ତ ମହାକୁଡଙ୍କ ନେତୃତ୍ୱରେ ମୃତ୍ୟୁଞ୍ଜୟ ବିଶ୍ୱାଳ, ଦେବାଶିଷ ଘଡିଆ, ସରୋଜ ପରିଡା, ମାନସ ମହାକୁଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ବାଲେଶ୍ୱର ଜିଲା ସିମୁଳିଆ ଗସ୍ତରେ ଆସିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମେଡିକାଲ କଲେଜ ପ୍ରତିଷ୍ଠା ସଂଗ୍ରାମୀ ସେନାର ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ବିଭିନ୍ନ ଯୁକ୍ତି ଉପସ୍ଥାପନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଏ ଦିଗରେ ସହଯୋଗ କରିବା ସହ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ମନ୍ତ୍ରୀ ପ୍ରଧାନପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏହି ପ୍ରତିନିଧି ଦଳରେ ଗୋବିନ୍ଦ ବାରିକ, ଟୁକୁନା ସ୍ୱାଇଁ, ପ୍ରୀତମ ଶେଖର ବିଶ୍ୱାଳ, ଧିରେନ୍ଦ୍ର ସାହୁ, ଅପୂର୍ବ ବେହେରା, କାର୍ତ୍ତିକ ଚନ୍ଦ୍ର ରାଉତ, ସୁଦୀପ୍ତ ଖଟୁଆ, ଶୁଭେନ୍ଦୁ ପାତ୍ର, ଯାଫର ଖାଁ, ସନ୍ତୋଷ ବେହେରା ପ୍ରମୁଖ ସାମିଲ ଥିଲେ। ସେହିପରି ମେଡିକାଲ କଲେଜ ସ୍ଥାପନ ଦାବିରେ ୧ ମାସରୁ ଊର୍ଦ୍ଧ୍ୱ ଧରି ବିଭିନ୍ନସ୍ତରରେ ଆନ୍ଦୋଳନ ଜାରି ରଖିଥିବା ସଂଗ୍ରାମୀ ସେନାର ଗୁରୁତ୍ୱପୂର୍ଣ୍ଣ ବୈଠକ ଭଦ୍ରକ ଅମୃତ ଦର୍ଶନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସରକାର ଭଦ୍ରକ ଜିଲାବାସୀଙ୍କ ସ୍ୱାର୍ଥ ସମ୍ବଳିତ ଦାବିକୁ ଅଣଦେଖା କରିଆସିଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୨୯ ତାରିଖରେ ଭଦ୍ରକ ଜିଲାରେ ବନ୍ଦ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।



## ସଂକ୍ଷେପରେ

### ଗାଡ଼ିଆରେ ବୁଡ଼ି ଶିଶୁକନ୍ୟା ମୃତ

**ବେତନଟୀ, ୨୧।୧୦ (ଡ଼ି.ଏନ.ଏ):** ବୈଶିଙ୍ଗା ଥାନା ଅଧୀନ ତିଳପଦା ଗ୍ରାମର ଗୁରୁଭା ସିଂଙ୍କ ୧୪ ମାସର ଝିଅ ରିମା ସିଂ ଘର ପାଖ ଗଡ଼ିଆରେ ପଡ଼ିଯିବାରୁ ତା'ର ମୃତ୍ୟୁ ହୋଇଛି। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜିବା ପରେ ଗଡ଼ିଆରୁ ଶିଶୁଟିକୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୪୮/୧୮) ରୁଜୁ ହୋଇଛି। ସେହିଭଳି ଏହି ଥାନା ଅଧୀନ ହଳଦୀପଦା ଗ୍ରାମର ଅକ୍ଷୟ ଦାସ (୫୫)ଗାଁ ନିକଟରେ ଥିବା ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ବୈଶିଙ୍ଗା ପୋଲିସ ନଂ ୪୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପାଚିକା, ସହାୟିକାଙ୍କୁ ଶାଢ଼ି ବଣ୍ଟନ



**ବାଲିଆପାଳ, ୨୧।୧୦(ଡି.ଏନ.ଏ.):** ପାଚିକା ଓ ସହାୟିକା ସଂଘକୁ ଗୁରୁବାର ଖଗଡାପାଳ ମହାଦେବ ମନ୍ଦିର ପରିସରରେ ପାଚିକା ଓ ସହାୟିକାକୁ ଶାଢ଼ି ବଣ୍ଟନ କରାଯାଇଛି। ସଂଘର ନେତା ମୃତ୍ୟୁଞ୍ଜୟ ରାଉତ, ଇଷାଣି ତ୍ରିପାଠୀ, ସିଆରସିସି ନିତ୍ୟାଚରଣ ରାଉଳ, ନିମାଁଇ ଚରଣ ସାମଲ, ମନ୍ମଥ ବିଶ୍ୱାଳ, ବଂଶୀଧର ନାୟକ, ନାରାୟଣ ସାହୁ ପ୍ରମୁଖ ବାଲିଆପାଳ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ଓ ସହାୟିକାକୁ ଶାଢ଼ି ବଣ୍ଟନ କରାଯାଇଥିଲା । ସଂଘର ବହୁ ଦାବି ପରେ ଓଡିଶା ସରକାର ପ୍ରତ୍ୟେକ ପାଚିକା ଓ ସହାୟିକାଙ୍କ ପାଇଁ ଶାଢ଼ୀ ବାବଦରେ ୪ ଶହ କରି ଟଙ୍କା ଯୋଗାଇ ଦେଇଥିଲେ ।

### ତାଲା ଭାଙ୍ଗି ଚୋରି

**ବିଶୋଇ,୨୧।୧୦:** ବିଶୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କୁନ୍ଦୁଲିଆ ଗ୍ରାମର ଜଗନ୍ନାଥ ନାଏକଙ୍କ ଘରୁ ଏକ ଗୋଖର ସାପ ଉଦ୍ଧାର ହୋଇଛି । ଜଗନ୍ନାଥ ଏନେଇ ବିଶୋଇ ବନ ବିଭାଗକୁ ଜଣାଇବା ପରେ ରେଞ୍ଜର ଗୁରୁଚରଣ ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ବନରକ୍ଷୀ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ । ପରେ ସାପଟିକୁ ଖଡ଼ମବେଡା ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିଲେ । ସାପଟିର ଲମ୍ବ ସାଢେ ୪ ଫୁଟ ଥିବାବେଳେ ଓଜନ ୪ କେଜି ଓ ବୟସ ପାଖାପାଖି ୩ ବର୍ଷ ବୋଲି ଜଣାପଡିଛି ।

### ୩୬ଲିଟର ମଦ ଜବତ, ୩ ଗିରଫ

**ବଡ଼ସାହି,୨୧।୧୦(ସ୍ୱ.ପ୍ର.):** ବଡ଼ସାହି ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରାରେ ଦେଶୀ ଓ ବିଦେଶୀ ମଦ କାରବାର କରୁଥିବା ୩ ଅଭିଯୁକ୍ତଙ୍କଠାରୁ ୩୬ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି । କେନ୍ଦୁଡିହା ଗ୍ରାମର ମହେନ୍ଦ୍ର ବେହେରାଙ୍କଠାରୁ ୨୦ଲିଟର ଦେଶୀ ମଦ ଜବତ କରିବା ସହ ଏକ ମାମଲା (ନଂ ୧୫୫/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ସେହିପରି ଅଙ୍ଗାରଗଡିଆ ଗ୍ରାମର ଲାଜି ସୋରେନ(୫୦)ଙ୍କ ଠାରୁ ୫ଲିଟର ଦେଶୀ ମଦ ଜବତ ସହ ଏକ ମାମଲା (ନଂ ୧୫୬/୧୮) ରୁଜୁ ହୋଇଛି। ପାଟପୁର ଗ୍ରାମର ସାମରାଏ ମୁର୍ମୁ(୨୦)ଙ୍କ ଠାରୁ ୧୦ଲିଟର ଦେଶୀ ମଦ ଓ ୧ଲିଟର ବିଦେଶୀ ମଦ ଜବତ ସହ ଏକ ମାମଲା (ନଂ ୧୫୭/୧୮) ରୁଜୁ ହୋଇଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ।

## ■ ଏପାଖ ସେପାଖ

# ବିଶୃଙ୍ଖଳା ଭୟ, ଫିକା ପଡିଲା ସମାବେଶ

**ବାରିପଦା ଅଫିସ,୨୧।୧୦**



ବିଶୃଙ୍ଖଳାକାରୀ ଯୁବକଙ୍କୁ ପୋଲିସ ଥାନାକୁ ନେଇ ଯାଉଛି।

ବାରିପଦା ଛଉ ପଡିଆଠାରେ ମୟୂରଭଞ୍ଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଆୟୋଜିତ ଜନସମାବେଶକୁ ନେଇ ସାରାଦିନ ସହରରେ ଚର୍ଚ୍ଚା ଲାଗି ରହିଥିଲା। ଏହି ସମାବେଶରେ ରାଜନୈତିକ ପ୍ରଭାବ ସମ୍ପର୍କରେ ପୂର୍ବରୁ ବିଭିନ୍ନ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରୁ କେତେଜଣ ନ ଆସିବାରୁ ଏହା କେତେକାଂଶରେ ସଭାକୁ ଫିକା ପକାଇଥିଲା। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଯଜ୍ଞେଶ୍ୱର ବାବୁ ସଭାରେ ଯୋଗ ଦେଇଥିବା ବେଳେ ସ୍ୱାସ୍ଥ୍ୟଗତ କାରଣରୁ ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ଅଧା ବାଟରୁ ଫେରି ଯାଇଥିଲେ। ବରିଷ୍ଠ ଖବରଦାତା ରବି ଦାସ ଅନୁପସ୍ଥିତ ରହିଥିଲେ। ଖଣି, ପାଣି, ଡାଲି ଓ ଚିଟଫଣ୍ଡ ଦୁର୍ନୀତି, ପିସି କାରବାର, ଗୁଣ୍ଡାରାଜ, ଭ୍ରଷ୍ଟାଚାର, ମୟୂରଭଞ୍ଜ ଜିଲାର ଚାରା ଘୋଟାଲା, ଅନୁଦାନର ବାଟମାରଣା ଓ ବେକାରି ସମସ୍ୟା ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିବେ ବୋଲି ଆୟୋଜକ କମିଟି ପକ୍ଷରୁ ପୂର୍ବରୁ କୁହାଯାଇଥିଲା । କିନ୍ତୁ ଉପସ୍ଥିତ ଅତିଥିଙ୍କ ବକ୍ତବ୍ୟରେ ବ୍ୟକ୍ତିଗତ କଥା ବେଶି ଗୁରୁତ୍ୱ ପାଇବାରୁ ସେଠାରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସଭାରେ ବିଶୃଙ୍ଖଳା ଘଟିବା ଆଶଙ୍କା କରି କେତେକ ଅତିଥି ଏଠାକୁ ନ ଆସିବା ଚର୍ଚ୍ଚାକୁ ଆସିଥିଲା। ଜଣେ ଯୁବକ ମଞ୍ଚ ଉପରକୁ ଚଢି ଗଣ୍ଡଗୋଳ କରିବା ପରେ ସଭା ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ପୂର୍ବରୁ ସମାବେଶ ନେଇ ଯେଉଁ ଉଷ୍ମତା ପ୍ରକାଶ ପାଇଥିଲା ତାହା ଅନେକାଂଶରେ ଫିକା ପଡିଥିଲା।

**ଗୋଟିଏ ଗାଡିରେ ଆସିଥିଲେ ଦାମ, ଯଜ୍ଞେଶ୍ୱର**

ଦୁର୍ନୀତି-ଭ୍ରଷ୍ଟାଚାର ବିରୋଧୀ ଜନସମାବେଶରେ ଯୋଗ ଦେବା ପାଇଁ ପୂର୍ବତନ ମନ୍ତ୍ରୀ ରାଉତ ଓ ଯଜ୍ଞେଶ୍ୱର ବାବୁ ଗୋଟିଏ ଗାଡିରେ ଆସି ପୂର୍ବାହ୍ନ ପ୍ରାୟ ୧୧ ଟା ବେଳେ ବାରିପଦା ପାଲବଣି ଛକ ନିକଟରେ ପହଞ୍ଚିଥିଲେ। ପୂର୍ବତନ ଏମ୍‌ପି ବୈଜୟନ୍ତ ଆସି ନ ଥିବାରୁ ସେମାନେ ପ୍ରାୟ ଅଧାଘଣ୍ଟା ଧରି ଅପେକ୍ଷା କରିଥିଲେ। ସେ ନ ଆସି ଅଧା ବାଟରୁ ଫେରିଯିବା ଜାଣିବା ପରେ ସାଢେ ୧୧ଟା ବେଳକୁ ସଭା ଆୟୋଜନକାରୀ ଏହି ୨ ନେତାଙ୍କୁ ପାଲବଣି ବାଇପାସ୍‌ଠାରୁ ରାଲି କରି ସଭାସ୍ଥଳକୁ ପାଛୋଟି ନେଇଥିଲେ।

**ଆୟୋଜକଙ୍କ ଉପରେ ବର୍ଷିଲେ**

ପାଲବଣି ଛକ ନିକଟରେ ପୂର୍ବତନ ମନ୍ତ୍ରୀ ରାଉତ ଓ ଯଜ୍ଞେଶ୍ୱର ବାବୁ ପୂର୍ବତନ ସାଂସଦ ପଣ୍ଡାଙ୍କୁ ସମୟ ଅପେକ୍ଷା କରି ଅଟକି ଥିବା ବେଳେ ସେମାନଙ୍କୁ ସ୍ୱାଗତ ରାଲିରେ ପାଛୋଟି ନେବା ପାଇଁ ଉଦ୍ୟମ ଚାଲିଥିଲା। ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ପ୍ରାୟ ୧୦୦ ଜଣ ଲୋକ ଆସିଥିଲେ। ରାଲିରେ ସାମିଲ ହେବାକୁ ଅଧିକ ଲୋକ ଆସି ନ ଥିବା ଦେଖି ଦାମୋଦର ଆୟୋଜକଙ୍କ ଉପରେ ବର୍ଷିଯାଇଥିଲେ। ଏପରିକି ସଭାକୁ ନ ଯାଇ ସେଠାରୁ ଫେରିଯିବେ ବୋଲି ସେ ଧମକଚମକ ଦେଇଥିଲେ। ଉପସ୍ଥିତ କର୍ମୀମାନେ ତାଙ୍କୁ ବୁଝାଶୁଝା କରି ପରେ ରାଲି ଯୋଗେ ସଭାସ୍ଥଳକୁ ପାଛୋଟି ନେଇଥିଲେ।

**ରାଲି ନେଇ ଚର୍ଚ୍ଚା**

ସମାବେଶରେ ଯୋଗ ଦେବା ପାଇଁ ଆସିଥିବା ନେତାଙ୍କୁ ପାଲବଣି ବାଇପାସଠାରୁ ବାଇକ୍ ରାଲିରେ ସହର ମଧ୍ୟ ଦେଇ ଛଉ ପଡିଆ ସଭାକୁ ଅଣାଯାଇଥିଲା। ଏହାର ତତ୍ତ୍ୱାବଧାନ ଜଣେ ବ୍ୟବସାୟୀ କରିବା ଘଟଣା ଦେଖି ଅନେକ ନାପସନ୍ଦ କରିଥିଲେ। ଏହି ବ୍ୟବସାୟୀ ବେଆଇନ କାର୍ଯ୍ୟ କରି ପୂର୍ବରୁ ଜେଲ ଯାଇଥିବା କେତେକ ଆଲୋଚନା କରିବା ଦେଖା ଯାଇଥିଲା। ସେହିପରି ଦୁଇ ଜଣ ବିଧାୟକ ଓ ଜଣେ ବ୍ୟବସାୟୀ ଏଥି ସକାଶେ ପାଣ୍ଠି ଯୋଗାଇଥିବା ଚର୍ଚ୍ଚାକୁ ଆସିଥିଲା।

**ଭାଷଣ ବେଳେ ଲୋକ ନ ଥିଲେ**

ଜନ ସମାବେଶ ସଭାରେ ପୂର୍ବତନ ମନ୍ତ୍ରୀ ରାଉତ ମଞ୍ଚାସୀନ ହୋଇ ଅପରାହ୍ନ ପ୍ରାୟ୧ ଟା ୩୦ ବେଳକୁ ଭାଷଣ ଦେବା ଆରମ୍ଭ କରିଥିଲେ। ସେ ଦୀର୍ଘ ୪୦ ମିନିଟ ଧରି ଭାଷଣ ଦେଇଥିଲେ। ମୟୂରଭଞ୍ଜ ଜିଲାରେ ଚାରା ଦୁର୍ନୀତି ଭଳି କେତେକ ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ତାଙ୍କୁ ବିଜେଡି କିଭଳି ଭାବେ ହଇରାଣ ହରକତ କରିଛି ତାହାକୁ ଗୁରୁତ୍ୱ ଦେଇ କହିବାରେ ବ୍ୟସ୍ତ ଥିଲେ ଦାମୋଦର। ଏହି ସମୟରେ ଉପସ୍ଥିତ ଲୋକେ ତାଙ୍କ ଭାଷଣ ନ ଶୁଣି ସେଠାରେ ଖାଇବା ପାଇଁ ହୋଇଥିବା ଆୟୋଜନ ପାଖରେ ଭିଡ ଜମାଇଥିଲେ। ଏଣୁ ସଭା ସ୍ଥଳରେ କେବଳ ଖାଲି ଚୌକି ପଡି ରହିଥିବା ଦେଖିବାକୁ ମିଳିଥିଲା।

**୨ଟି ପ୍ରଶ୍ନ, ପଚାରିଲେ ଗୋଟିଏ**

ଜନ ସମାବେଶ ସଭାରେ ପୂର୍ବତନ ମନ୍ତ୍ରୀ ରାଉତ ଉଦବୋଧନ ଦେବା ବେଳେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ବୋଲି କୁହାଯାଉଥିବା ଜଣେ ଯୁବକ ହଠାତ୍ ମଞ୍ଚ ଉପରକୁ ଉଠି ଆସି ଦାମୋଦରଙ୍କୁ ୨ ଟି ପ୍ରଶ୍ନ ପଚାରିବେ ବୋଲି କହିଥିଲେ। ଏଭଳି ପରିସ୍ଥିତି ଆୟୋଜକଙ୍କୁ ହରବର କରିଥିଲା। ଦାମୋଦର ଏହା ଦେଖି ଯୁବକଙ୍କୁ କଣ କହିବାକୁ ଚାହୁଁଛ କୁହ ବୋଲି କହିଥିଲେ। ଯୁବକଜଣକ ପ୍ରଥମ ପ୍ରଶ୍ନ ପଚାରିବା ଆରମ୍ଭ କରି ବୈଜୟନ୍ତ ଖଣି ବେପାରରେ ମାତିଥିବା ବେଳେ ଶହ ଶହ କୋଟି ବିଦ୍ୟୁତ୍ ବକେୟା କାହିଁକି ରଖିଛନ୍ତି ବୋଲି ପଚାରିଥିଲେ। ଯୁବକଜଣକ ଦ୍ୱିତୀୟ ପ୍ରଶ୍ନ ପଚାରିବାକୁ ଉଦ୍ୟତ ହେଉଥିବା ବେଳେ ଆୟୋଜକ କମିଟିର ସଭ୍ୟ ଓ ପୋଲିସ ତାଙ୍କୁ ମଞ୍ଚ ଉପରୁ ତଳକୁ ନେଇଯାଇଥିଲେ। ତେବେ ଯୁବକ ଜଣକ ନବୀନ ପଟ୍ଟନାୟକ ଜିନ୍ଦାବାଦ କହି ଏହି କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ସେଠାରେ ଏହି ଯୁବକଙ୍କ ସମେତ ଅନ୍ୟ ୨ ଜଣଙ୍କୁ ପୋଲିସ ଥାନାକୁ ଧରି ନେଇ ଅଟକ ରଖିଥିଲା । କାର୍ଯ୍ୟକ୍ରମ ସରିବା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ମଞ୍ଚ ଉପରକୁ ଚଢି ପ୍ରଶ୍ନ ପଚାରିଥିବା ଯୁବକଙ୍କ ନାମ ଶୈଳେନ୍ଦ୍ର ହେମ୍ବ୍ରମ ବୋଲି କୁହାଯାଉଛି। ସଭାରେ ଶୃଙ୍ଖଳା ରକ୍ଷା ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ମଞ୍ଚ ଉପରକୁ ଚଢି ପ୍ରଶ୍ନ ପଚାରିଥିବା ଯୁବକ ସଭା ଆରମ୍ଭ ହେବା ପରେ ସବା ଆଗରେ ବସି ରହିଥିଲେ ମଧ୍ୟ ତାଙ୍କୁ ନା ଗୋଇନ୍ଦା ବିଭାଗ ନା ଅନ୍ୟ କେହି ଚିହ୍ନି ପାରି ନ ଥିଲେ। ଭା ମଞ୍ଚକୁ ଚଢି ରାଉତଙ୍କୁ ପ୍ରଶ୍ନ କରିଥିବା ଯୁବକ ବିଜେଡିର ଜଣେ କର୍ମୀ ବୋଲି ଚର୍ଚ୍ଚା ହୋଇଥିଲା। ଏପରିକି ସେ ଟାଣୁଆ ନେତାଙ୍କ ସମର୍ଥକ ବୋଲି କୁହାଯାଇଥିଲା। ତେବେ ଦଳ ସହ ଏହି ଯୁବକଙ୍କ ସମ୍ପୃକ୍ତି ନ ଥିବା ବିଜେଡି ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ପୋଲିସ ଅଧିକ ସୂଚନା ମଧ୍ୟ ଦେଇ ନାହିଁ।

**ବୈଜୟନ୍ତଙ୍କ ଫେରିବା ନେଇ ଚର୍ଚ୍ଚା**

ପୂର୍ବତନ ଏମପି ବୈଜୟନ୍ତ ଅଧା ବାଟରୁ ଫେରିବା ଘଟଣା ନେଇ ସହରରେ ନାନା ଚର୍ଚ୍ଚା ହୋଇଥିଲା। ମଧ୍ୟାହ୍ନ ୧୨ ଟା ସୁଦ୍ଧା ସଭା ସ୍ଥଳରେ ୨ ଶହରୁ ୩ ଶହ ଲୋକ ଥିବା ଖବର ପାଇବାରୁ ସେ ନିଜ କାର୍ଯ୍ୟକ୍ରମ ପରିବର୍ତ୍ତନ କରିଥିବା ବିଭିନ୍ନ ଛକ ଓ ଖଟିରେ ଆଲୋଚନା ହୋଇଥିଲା। ପୂର୍ବତନ ମନ୍ତ୍ରୀ ରାଉତ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଅଧା ବାଟରୁ ଫେରି ବାଲେଶ୍ୱରର ଏକ ହୋଟେଲରେ ଥିବା କହିଥିଲେ ମଧ୍ୟ ଅନେକ ଏହାକୁ ବିଶ୍ୱାସକୁ ନେଇ ନ ଥିଲେ।

# ପୋଲିସ ଶହୀଦ ଦିବସ ପାଳିତ

**ବାରିପଦା ଅଫିସ,୨୧।୧୦**



ଶହୀଦଙ୍କ ସମ୍ପର୍କୀୟମାନେ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ମୟୂରଭଞ୍ଜ ଜିଲା ପୋଲିସ ତରଫରୁ ରବିବାର ରିଜର୍ଭ ପୋଲିସ ପରେଡ ପଡ଼ିଆଠାରେ ୫୯ ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଜିଲାପାଳ ବିନିତ ଭରଦ୍ୱାଜ, ଉପଜିଲାପାଳ ମହମ୍ମଦ ଅବଦୁଲ ଅଖତାର, ଡିଏଫଓ ସ୍ୱୟଂ ମଲ୍ଲିକ, ଡିଡିଏସଟିଆର ଯଜ୍ଞଦତ୍ତ ପତି, ମୋରଡ଼ା ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ମୟୂରଭଞ୍ଜ ଜିଲା ପୋଲିସ ବାହିନୀ ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ପରେଡ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଡିସିନାଲ ଏସ୍‌ପି ଭୁବନାନନ୍ଦ ଜେନା ଓ ଜେ.ଆର. ଶତପଥୀଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ ଶହୀଦଙ୍କ ସମ୍ପର୍କୀୟ ଯୋଗଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

## କବାଡ଼ି ପ୍ରତିଯୋଗିତା

**ବାଲିଆପାଳ, ୨୧।୧୦(ଡି.ଏନ.ଏ.)**

ବାଲିଆପାଳ ବ୍ଲକର ୬୨ବର୍ଷ ଧରି ଚାଲିଆସୁଥିବା ଇକଡପାଳ ଦୁର୍ଗାପୂଜା ଧୁମଧାମ୍‌ରେ ପାଳିତ ହୋଇଛି। ଏହି ଅବସରରେ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କବାଡି ପ୍ରତିଯୋଗିତାରେ ବାଲିଆପାଳ ବ୍ଲକ ସହିତ ଜିଲାର ବିଭିନ୍ନ ସ୍ଥାନରୁ କବାଡି ଟିମ୍ ଭାଗନେବାର କାର୍ଯ୍ୟକ୍ରମ ରହିଛି। କବାଡି ପ୍ରତିଯୋଗିତାକୁ ପୂର୍ବତନ ଜିଲାପରିଷଦ ସଦସ୍ୟ ତଥା ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବିଶୋଇ,୨୧।୧୦**

ବିଶୋଇ ବ୍ଲକ ଅନ୍ତର୍ଗତ ମହୁଭଣ୍ଡାର ଗ୍ରାମରେ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶୋଇ ବ୍ଲକ ଯୁବ ବିଜେଡି ସଭାପତି ତଥା ବାଉତିବେଡା ପଞ୍ଚାୟତ ସମିତି ସଦସ୍ୟ କ୍ଷୀରଦ କୁମାର ନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ସାରସକଣା ବିଧାୟକ ଭାଦବ ଚନ୍ଦ୍ର ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ବିଶୋଇ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡି,ବାଉତିବେଡା ସରପଞ୍ଚ ପ୍ରତିନିଧି କାଳିଚରଣ ନାୟକ, ନାଏବ ସରପଞ୍ଚ କିଶୋର ଚନ୍ଦ୍ର ଗିରି,ସାଂସଦ ପ୍ରତିନିଧି ଧନେଶ୍ୱର ମାହାନ୍ତ, ୱାର୍ଡ ସଦସ୍ୟ ଚିତ୍ତରଞ୍ଜନ ସି,ଅଞ୍ଜଳି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଶୋଇ ବ୍ଲକର ଶତାଧିକ ବିଜେଡି କର୍ମୀ ପ୍ରଥମେ ବିଶୋଇ ବ୍ଲକ ଛକ ଠାରୁ ଏକ ବାଇକ୍ ରାଲିରେ ବାହାରି ମହୁଭଣ୍ଡାର ଗ୍ରାମରେ ପହଞ୍ଚିଥିଲେ । ପରେ ଉପସ୍ଥିତ ସମସ୍ତ ଅତିଥି ଗ୍ରାମରେ ପଦଯାତ୍ରା କରିଥିଲେ ଏବଂ ଶେଷରେ ଏକ ବିଶାଳ ସଭାର ଆୟୋଜନ କରାଯାଇଥିଲା । ଶେଷରେ ଯୁବ ସଭାପତି କ୍ଷୀରୋଦ କୁମାର ନନ୍ଦ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ମେହେରତାଲା ଚାମ୍ପିୟନ

**ବଡସାହି,୨୧।୧୦(ସ୍ୱ.ପ୍ର)**



ବିଜୟୀ ଦଳର ଖେଳାଳିଙ୍କ ସହ ଅତିଥିଗଣ।

ବଡସାହି ବ୍ଲକ ଅଗାଶୋଳ ଗ୍ରାମର ସିଦ୍ଧ କାହ୍ନୁ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଛନ୍ତି । ମେହେରତାଲା ଫୁଟବଲ ଦଳ ବଡ଼ସାହି ଓ ରଙ୍ଗାଡିହା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଛି । ସଂଘର୍ଷପୂର୍ଣ୍ଣ ମ୍ୟାଚରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇ ବ୍ରେକରର ସହାୟତା ନିଆଯାଇଥିଲା। ୪-୦ଗୋଲରେ ରଙ୍ଗାଡିହା ଦଳକୁ ହରାଇ ମେହେରତାଲା ଟିମ୍ ଚଳିତ ବର୍ଷର ଚାମ୍ପିୟନ ହୋଇଛି । ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିବା ପାଇଁ କ୍ଲବ ସଭାପତି ଡାକ୍ତର ସିଂଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ଦେଉଳିଆ ସରପଞ୍ଚ ବୈଦ୍ୟନାଥ ସିଂ, ସମିତିସଭ୍ୟା ମାଳତୀ ସୋରେନ, ୱାର୍ଡସଭ୍ୟ କୁଇଲି ସୋରେନ, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କ୍ଲବ ସମ୍ପାଦକ ଜୁରା ସୋରେନ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ବିଦ୍ୟାଳୟରେ 'ପୂର୍ବ ଛାତ୍ର ସମ୍ମିଳନୀ'



ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ସୂଚନା ପ୍ରଦାନ କରୁଛନ୍ତି।

**ସିମୁଳିଆ, ୨୧।୧୦(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କୁ ଏକତା ଡୋରିରେ ବାନ୍ଧି ରଖିବା ସହିତ ସାମାଜିକ ଦାୟିତ୍ୱବୋଧ ପ୍ରତି ସଚେତନ ରଖିବା ଉଦ୍ଦେଶ୍ୟରେ ଶନିବାର ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପୂର୍ବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦାମୋଦର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ସିମୁଳିଆ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ସୁକଦେବ ମଲିକ ସମାଜ ଗଠନ ଦିଗରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ 'ରାଷ୍ଟ୍ର ନିର୍ମାଣରେ ଛାତ୍ରମାନଙ୍କ ଭୂମିକା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟର ଗୌରବ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଛାତ୍ର ପରିଷଦ ଗଠନ କରାଯାଇଥିଲା। ଆଚାର୍ଯ୍ୟ ଲକ୍ଷ୍ମଣ କୁମାର ସାହୁ ଅତିଥି ପରିଚୟ, ସୋର ସଙ୍କୁଳ ପୂର୍ବଛାତ୍ର ପ୍ରମୁଖ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ଉଦ୍ଦେଶ୍ୟ କଥନ, ଶିଶୁ ଭଉଣୀ ଦୀପିକା ଜେନା, ଆଚାର୍ଯ୍ୟା ମମତାଞ୍ଜଳୀ ମହାପାତ୍ର ଓ ଶୈଳବାଳା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ଜ୍ୟୋତିର୍ମୟୀ



@ ଭାସ୍କର



@ ରଶ୍ମି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଅକ୍ଟୋବର ୨୨/୨୦୧୮ Balasore, Monday, October 22/ 2018

# ନବଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାସୁଦେବପୁର,୨୧।୧୦(ଡି.ଏନ.ଏ.)

ପ୍ରେମବିବାହର ୬ ମାସ ପରେ ଶୋଇବା ଘରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନପୁର ପଞ୍ଚାୟତ ସୁଆଁ ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ରଞ୍ଜନ ମଲିକ(୨୨) ଓ ତାଙ୍କ ସ୍ତ୍ରୀ ଗୀତାରାଣୀ ମଲିକ(୨୦)। ବାସୁଦେବପୁର ପୋଲିସ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ।

ପୋଲିସ ସୂଚନା ଅନୁସାରେ, ରଞ୍ଜନ ଓ ଗୀତାରାଣୀ ଶନିବାର ରାତିରେ ଖାଇପିଇ ଘରେ ଶୋଇଥିଲେ। ସକାଳେ ସେମାନେ ନ ଉଠିବାରୁ ପରିବାର ଲୋକେ କବାଟ ବାଡ଼େଇଥିଲେ। ଘରୁ କୌଣସି ସ୍ୱର ଶବ୍ଦ ଶୁଣା ନ ଯିବାରୁ ସେମାନେ କବାଟ ଭାଙ୍ଗି ମୃତଦେହ ଲୁଗାରେ ଝୁଲୁଥିବା ଦେଖିଥିଲେ। ଖବର ପାଇ ବାସଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ସଦଳବଳ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୁଆଁ ଗ୍ରାମର ରଞ୍ଜନ ବାଲେଶ୍ୱର ଜିଲା ଶ୍ରୀଜଙ୍ଗ ଗ୍ରାମର ଗୀତାରାଣୀଙ୍କୁ ଭଲପାଇ ବିବାହ କର ଗାଁରେ ରହିଆସୁଥିଲେ। ପ୍ରେମବିବାହ ପରେ ବାପଘର ଲୋକଙ୍କ ସହ ଗୀତାରାଣୀଙ୍କର କୌଣସି ସମ୍ପର୍କ ନ ଥିଲା। ଏହି ଆତ୍ମହତ୍ୟା ଘଟଣା ନେଇ ରଞ୍ଜନଙ୍କ ଦାଦା ହରିହର ମଲିକ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୧/୧୮) ରୁଜୁ କରି କେଉଁ କାରଣ ନେଇ ସେମାନେ ଆତ୍ମହତ୍ୟା କଲେ ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ନାୟକ କହିଛନ୍ତି।


ପୋଲିସ ଘଟଣାର ତଦନ୍ତ କରୁଛି।

# ଅଶ୍ଳୀଳ ଫଟୋ ଭାଇରାଲ ପରେ ଆତ୍ମହତ୍ୟା

ବାହାନଗା, ୨୧।୧୦(ଡି.ଏନ.ଏ.)

- କମ୍ପାନୀ ଫାଟକ ଆଗରେ ମହିଳା ସିକ୍ୟୁରିଟି କର୍ମଚାରୀଙ୍କ ମୃତଦେହ ରଖି ଗ୍ରାମବାସୀଙ୍କ ପ୍ରତିବାଦ, ଉତ୍ତେଜନା
- କ୍ଷତିପୂରଣ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ

ଅଶ୍ଳୀଳ ଫଟୋ ଭାଇରାଲ ହେବା ପରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ ମହିଳା ସିକ୍ୟୁରିଟି କର୍ମଚାରୀଙ୍କ ଆତ୍ମହତ୍ୟା ଘଟଣା ନେଇ ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଗ୍ରାମବାସୀ କମ୍ପାନୀ ଫାଟକ ଆଗରେ ମୃତଦେହ ରଖି ପ୍ରତିବାଦ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ଏନେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ମୃତ କର୍ମଚାରୀଙ୍କ ଦୁଇ ପିଲାଙ୍କ ପାଇଁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପଣପଣା ପଞ୍ଚାୟତ ଓଳିଆପାଟଣା ଗ୍ରାମର ୧୬ ନମ୍ବର ଜାତୀୟ ରାଜପଥ କଡରେ ଫାଲକନ ମେରାଇନ୍ ଏକ୍ସପୋର୍ଟ କମ୍ପାନୀ ରହିଛି। କମ୍ପାନୀର ଜଣେ ମହିଳା ସିକ୍ୟୁରିଟି କର୍ମଚାରୀ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ ହୋଇଥିବା ଜାଣିବା ପରେ ଗତ ଶୁକ୍ରବାର ସକାଳେ କମ୍ପାନୀ ଭିତରେ ବିଷପିଇ ଦେଇଥିଲେ। କମ୍ପାନୀର ଅନ୍ୟ କର୍ମଚାରୀମାନେ ତାଙ୍କୁ ପ୍ରଥମେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ହସ୍‌ପିଟାଲ ଓ ପରେ କଟକ ହସପିଟାଲ କୁ ଚିକିତ୍ସା ପାଇଁ ନିଆଯାଇଥିଲା। ତେବେ କଟକରେ ଚିକିତ୍ସାଧୀନ ଥିବା ବେଳେ ଶନିବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ରବିବାର ଅପରାହ୍ନରେ ମହିଳାଙ୍କ ମୃତଦେହ ପହଞ୍ଚିବା ପରେ ଖନ୍ତାପଡା ପଞ୍ଚାୟତବାସୀ କମ୍ପାନୀ ଫାଟକ ଆଗରେ ମୃତଦେହ ରଖି ପ୍ରତିବାଦ କରିବା ସହ ତାଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ତେବେ କମ୍ପାନୀ ପିଆରଓ ଉତ୍ତମ ଜେନା ଏକ ୮ ଜଣିଆ ପ୍ରତିନିଧି ଦଳଙ୍କ ସହିତ ଆଲୋଚନା କରିବା ପାଇଁ ଡାକିଥିଲେ। ଆଲୋଚନା ପରେ ମୃତ ମହିଳାଙ୍କ ଦୁଇଟି ପିଲାଙ୍କ ପାଇଁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କମ୍ପାନୀ ପକ୍ଷରୁ ପିଆରଓ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଲୋକେ ଶାନ୍ତ ପଡିଥିଲେ। ଏ ସମ୍ପର୍କରେ ମହିଳା ଙ୍କ ବାପା ଖନ୍ତାପଡା ଥାନାରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଜାରି ରହିଛି, କଟକରେ ମୃତ୍ୟୁ ହୋଇଥିବାରୁ ସେଠାରେ ଅପମୃତ୍ୟୁ ମାମଲା ହୋଇଛି ବୋଲି ପୋଲିସ କହିଛି।

- ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଆକ୍ରମଣ ଘଟଣା

# ୧୦ଜଣଙ୍କ ନାମରେ ମାମଲା, ଗାଁରେ ଚାପା ଉତ୍ତେଜନା

ନୀଳଗିରି, ୨୧।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମଛୁଆ ପଞ୍ଚାୟତ କଲ୍ୟାଣୀ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଶ୍ରୀମତୀ ସିଂ ନାମ୍ନୀ ମହିଳାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରବିବାର ୧୦ଜଣଙ୍କ ନାମରେ ମାମଲା(ନଂ.୨୪୧/୧୮) ରୁଜୁ କରିଛି। ଏହାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ନଳିତା ମୋଦୀ କହିଛନ୍ତି। ଅଭିଯୁକ୍ତମାନେ ହେଲେ କାର୍ତ୍ତିକ ସିଂ, ଅନାଦି ସିଂ, ଗଙ୍ଗାଧର ସିଂ, ପୂର୍ଣ୍ଣ ସିଂ, ଜଳଧର ସିଂ, ବର୍ଜୁ ସିଂ, କାନ୍ଦୁରୁ ସିଂ ,ବସନ୍ତ ସିଂ, ରମା ସିଂ ଓ ମହେଶ୍ୱର ସିଂ। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ ଆହତ ଶ୍ରୀମତୀଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଗର୍ଭଣା ସଂକ୍ରାନ୍ତି ଅବସରରେ ଗାଁର କରମା ନାଟ ଗୁରୁବାର ପାଳିତ ହେଉଥିଲା। ଗାଁ ଲୋକ ଦାଣ୍ଡରେ ଧୁମଧାମ୍‌ରେ ମାଦଳ ଧୁମୁସା ବଜାଇ ନାଚଗୀତ କରୁଥିଲେ। ଏହି ସମୟରେ ବୁଦ୍ଧୁ ସିଂଙ୍କ ପୁଅ ପୋଟୁ ଅସୁସ୍ଥ ହୋଇ ତଳେ ପଡ଼ିଥିଲେ ଓ ଚେତା ହରାଇ ବସିଥିଲେ। ଶ୍ରୀମତୀ ଗୁଣିଗାରେଡ଼ି କରିଥିବା ଗାଁଲୋକେ ସନ୍ଦେହ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଗ୍ରାମର କେତେକ ଲୋକ ଶ୍ରୀମତୀଙ୍କୁ ଜବରଦସ୍ତ ଘରୁ ଟେକି ନେଇ ଅନ୍ୟଜଣଙ୍କ ଘରେ ରଖିଥିଲେ। ସେଠାରେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଆଙ୍ଗୁଳି କାଟି ଦେଇଥିଲେ। ସେଠାରେ ଉପସ୍ଥିତ ମହିଳାଙ୍କ ଝିଅ ଓ ଜ୍ୱାଇଁ ପ୍ରତିବାଦ କରିବାରୁ ସେମାନେ ମଧ୍ୟ ଆକ୍ରମଣରେ ଶିକାର ହୋଇ ଆହତ ହୋଇଥିଲେ। ପରେ ଅଭିଯୁକ୍ତମାନେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଆଣି ତାଙ୍କ ଘରେ ଛାଡ଼ି ପରିବାର ଲୋକଙ୍କୁ ବିଭିନ୍ନ ଧମକଚମକ ଦେଇଥିଲେ ବୋଲି ତାଙ୍କ ପୁଅ ରୋହିତ ଥାନାରେ ଅଭିଯୋଗ କରିଛି।

# ଗୋଖର ଉଦ୍ଧାର

ବିଶୋଇ,୨୧।୧୦

ବିଶୋଇ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ କୁନ୍ଦୁଳିଆ ଗ୍ରାମର ଜଗନ୍ନାଥ ନାଏକଙ୍କ ଘରୁ ଏକ ଗୋଖର ସାପ ଉଦ୍ଧାର ହୋଇଛି। ଜଗନ୍ନାଥ ଏନେଇ ବିଶୋଇ ବନ ବିଭାଗକୁ ଜଣାଇବା ପରେ ରେଞ୍ଜର ଗୁରୁଚରଣ ମଣ୍ଡଳଙ୍କ ନିର୍ଦ୍ଦେଶକ୍ରମେ ବନରକ୍ଷୀ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ଖଡ଼ମବେଡା ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିଲେ। ସାପଟିର ଲମ୍ବ ସାଢେ ୪ ଫୁଟ ଥିବାବେଳେ ଓଜନ ୪ କେଜି ଓ ବୟସ ପାଖାପାଖି ୩ ବର୍ଷ ବୋଲି ଜଣାପଡିଛି।




# ୫ ଚୋରା ମଦ ବେପାରୀ ଗିରଫ

ଜଳେଶ୍ୱର/ନୀଳଗିରି, ୨୧।୧୦(ଡି.ଏନ୍.ଏ.)

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୫ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି।

ଜଳେଶ୍ୱର ଥାନା ଅଞ୍ଚଳର ଚନ୍ଦନା, ବିରିଣପୁର ଓ ଗୋପ ଗ୍ରାମରେ ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରି ୩ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୭୦ ଲିଟର ରନ୍ଧା ଦେଶୀମଦ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତ ହେଲେ ଚନ୍ଦନା ଗ୍ରାମର ରାମ ହେମ୍ବ୍ରମ୍, ବିରିଣପୁର ଗ୍ରାମର ସନ୍ତୋଷ ସିଂ ଓ ଗୋପ ଗ୍ରାମର ଗାୟତ୍ରୀ ଦେହୁରୀ। ଜଳେଶ୍ୱର ଅବକାରୀ ଏସ୍‌ଆଇ ହରପ୍ରସାଦ ରଣାଙ୍କ ନେତୃତ୍ୱରେ ରବିବାର ଭୋର ସମୟରେ ଏହି ଚଢାଉ ହୋଇଥିଲା। ସେହିପରି ନୀଳଗିରି ଅବକାରୀ ବିଭାଗ କର୍ମଚାରୀ ରବିବାର ସ୍ଥାନୀୟ ଏନଏସିର ବିଭିନ୍ନ ସ୍ଥାନରେ ଚଢାଉ କରି ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୧୩ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ.୭୦/୧୮ ଓ ୭୧/୧୮) ରୁଜୁ କରାଯାଇ ଗିରଫ ବେପାରୀଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ସେମାନେ ହେଲେ କାହାଳିଆ ଗାଁର ଗଣେଶ୍ୱର ପରିଡା ଓ ବାଣପୁର ଗାଁର ନୀଳକଣ୍ଠ ଗିରି। ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନଙ୍କ ନେତୃତ୍ୱରେ ସହକାରୀ ଉପନିରୀକ୍ଷକ ଭାସ୍କର ଚନ୍ଦ୍ର ବେହେରା ସମେତ ଅବକାରୀ ଟିମ୍ ଚଢାଉରେ ସାମିଲ ଥିଲେ।

# ଫେସ୍‌ବୁକରେ ଅଶ୍ଳୀଳ ପୋଷ୍ଟ କରି ଶିକ୍ଷକ ଗିରଫ

ଧାମନଗର,୨୧।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ପଠାଣମହଲା ଗ୍ରାମର ଶିକ୍ଷକ ସେକ୍ ସବାକତୁଲ୍ଲାଙ୍କୁ ସୋସିଆଲ ମିଡିଆରେ ସାମ୍ପ୍ରଦାୟିକ ନେଇ ଅଶ୍ଳୀଳ ପୋଷ୍ଟ କରିଥିବା ଅଭିଯୋଗରେ ପୋଲିସ ଗିରଫ କରିଛି। ଫେସ୍‌ବୁକରେ ଅଶ୍ଳୀଳ ମନ୍ତବ୍ୟ ନେଇ ଦକ୍ଷିଣବାଡ଼ ଗ୍ରାମର ବିଜୟ ରାମଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ଏକ ମାମଲା(ନଂ.୧୭୭/୧୮) ରୁଜୁ କରାଯାଇଛି। ଏନେଇ ପୋଲିସ ତଦନ୍ତ କରି ଶିକ୍ଷକ ସେକ୍ ସବାକତୁଲ୍ଲାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜଣେ ଶିକ୍ଷକ ହୋଇ ଏଭଳି ସାମ୍ପ୍ରଦାୟିକତା ଭେଦଭାବ ନେଇ ପୋଷ୍ଟ କରିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଜଣେ ମୃତ

କେନ୍ଦୁଝର, ୨୧।୧୦(ସ୍ୱ.ପ୍ର.): ବାଂଶପାଳ ବ୍ଲକ ତରମାକାନ୍ତ ନିକଟ ଜଙ୍ଗଲୁ ମହୁ ସଂଗ୍ରହ ବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଆହତ ହୋଇ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକଙ୍କ ନାମ ବାନ୍ଦୁ ମୁଣ୍ଡା। ନାଥ ଗିରି ଆହତ ହୋଇଛନ୍ତି। ସେମାନଙ୍କୁ ଅନୁଗୁଳ ଜିଲା ପାଲଲହଡା ଅଞ୍ଚଳର କେତେକ ମହୁ ବ୍ୟବସାୟୀ ମହୁ ତୋଳିବାକୁ ଗଛ ଉପରେ ଉଠାଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ମହୁ ଫେଣାରେ ନିଆଁ ଲଗାଇବା ବେଳେ ହଠାତ ମହୁ ମାଛି ଆକ୍ରମଣ କରିବାକୁ ୨ ଜଣ ଗଛ ତଳକୁ ଖସି ପଡିଥିଲେ। ସେମାନଙ୍କୁ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝରକୁ ଆଣାଯାଇଥିଲା। ସେଠାରେ ବାନ୍ଦୁଙ୍କ ମୃତ୍ୟୁ ଘଟିଥିଲା।

### ବାଇକ୍ ଆରୋହୀଙ୍କ ମୃତ୍ୟୁ

ଝୁମ୍ପୁରା, ୨୧।୧୦(ଡି.ଏନ.ଏ.): ଝୁମ୍ପୁରା ଥାନାଞ୍ଚଳ ୨୦ନଂ ଜାତୀୟ ରାଜପଥର ବାଲିବନ୍ଧ ଗ୍ରାମ ନିକଟରେ ଏକ ବାଇକ୍ ଡିଭାଇଡରରେ ବାଡେଇ ହେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହରଗା ଗିରି। ଶନିବାର ସନ୍ଧ୍ୟା ସମୟରେ ନିଜ ଗ୍ରାମ କାଶିପାଳକୁ ଫେରୁଥିବା ବେଳେ ବାଇକ୍ ଭାରସାମ୍ୟ ହରାଇବାରୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି। ତାଙ୍କୁ ପ୍ରଥମେ ଝୁମ୍ପୁରା ପରେ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ବାଇକ୍ (ଓଡି୦୯-ଏଚ ୪୩୭୫)କୁ ପୋଲିସ ଜବତ କରିଛି।

### ସଡ଼କ ଦୁର୍ଘଟଣାରେ ଫରେଷ୍ଟଗାର୍ଡ଼ ମୃତ

ତେଲକୋଇ, ୨୧।୧୦ (ଡି.ଏନ.ଏ.): ତେଲକୋଇ ବନାଞ୍ଚଳ ଅଧୀନ ବିମଳା ଫରେଷ୍ଟ ବିଟର ହାତୀ ସୁରକ୍ଷା ସ୍କ୍ୱାଡ଼ର ଜଣେ ଫରେଷ୍ଟଗାର୍ଡ଼ଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ ଫରେଷ୍ଟଗାର୍ଡ଼ଙ୍କ ନାମ ସୁଶାନ୍ତ ପାତ୍ର। ସେ ଫରେଷ୍ଟ ବିଟ୍‌ରୁ ରାବଣପୋଡ଼ି ଦେଖିବା ପାଇଁ ବାଇକ୍ ଯୋଗେ କାମାକ୍ଷାନଗର ଅଞ୍ଚଳକୁ ଯାଇଥିଲେ। ଫେରିବା ବେଳେ ଢେଙ୍କାନାଳ ରଡ଼ପଲାଶୁଣି ପଞ୍ଚାୟତ ଅଧୀନ କରଡ଼ାଖମଣଠାରେ ଭାରସାମ୍ୟ ହରାଇ ବାଇକ୍‌ରୁ ସେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ତେଲକୋଇ ପୋଲିସ ଓ ମହାବିରୋଡ଼ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

### ବିଦ୍ୟୁତ୍ ନେଲା ଜୀବନ

ହାଟଡିହି,୨୧।୧୦(ଡି.ଏନ.ଏ.): ନନ୍ଦିପଦା ଥାନା ଅନ୍ତର୍ଗତ ଛେନାପଦି ଅସିଆ ଗ୍ରାମର ଯୁବକ ଧନେଇ ଦେହୁରିଙ୍କ ପୁଅ ତ୍ରିଲୋଚନ ଦେହୁରି(୨୬)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ତ୍ରିଲୋଚନ ସକାଳେ ଘରେ ଥିବା ସମୟରେ କୌଣସି କାରଣରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଲୋକେ କହୁଛନ୍ତି। ଏ ନେଇ ନନ୍ଦିପଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୮) ରୁଜୁ ହୋଇଥିବା ଥାନା ଏସଆଇ ବିଜୟ କୁମାର ମଲ୍ଲିକ କହିଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

କୋଲିମାଟି, ୨୧।୧୦- ଆନନ୍ଦପୁର ୨୦ ନଂ ଜାତୀୟ ରାଜପଥ କନ୍ତୋ ଛକ ଢାବା ନିକଟରେ ରବିବାର ଏକ ଦୁର୍ଘଟଣା ଘଟିଛି। ଆନନ୍ଦପୁର ଆଡୁ ଆସୁଥିବା ଏକ ଦଶ ଚକିଆ ଟ୍ରକ୍ ପଛରେ ବାଇକ୍ ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ପରିଚୟ ମିଳିପାରିନି।

### ମଦ ବେପାରୀ ଗିରଫ

ବଡ଼ବିଲ, ୨୧।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ କଳିଙ୍ଗ ନଗର ଅଞ୍ଚଳରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ସୂଚନା ପାଇ ପୋଲିସ ରବିବାର ବଡି ଭୋରରେ ଏକ ଦୋକାନ ଉପରେ ଚଢ଼ାଉ କରିଥିଲା। ଚଢ଼ାଉରେ ୫ ଲିଟର ମହୁଲି ସହ ୧୭ ବୋତଲ ବିଦେଶୀ ମଦ ଜବତ ହୋଇଛି। ଘଟଣାସ୍ଥଳରୁ ଜଣେ ମଦ ବେପାରୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ଜଣଙ୍କ ହେଲେ କଳିଙ୍ଗ ନଗର ୱାର୍ଡ ନଂ-୧୪ ଅଞ୍ଚଳର ସୁମାଶ୍ୱର ଗୋପ। ଏ ନେଇ ବଡବିଲ ଥାନାରେ ଏକ ମାମଲା (ନଂ- ୧୫୬/୧୮) ରୁଜୁ ହୋଇଛି।

# ଅନ୍ୟାୟ ବିରୋଧରେ ଲଢ଼େଇ

- ନଳପଙ୍ଗାରେ ଲାଗି ରହିଛି ଜମି ବିବାଦ
- କୁଡୁମି ମହାନ୍ତ ସମାଜର ଆନ୍ଦୋଳନ ନିଷ୍ପତ୍ତି
- ୨ରେ ରାଲି ନେଇ ଖବରଦାତା ସମ୍ମିଳନୀ

କେନ୍ଦୁଝର, ୨୧।୧୦(ସ୍ୱ.ପ୍ର.)



କୁଡୁମି ମହାନ୍ତ ସମାଜର ଖବରଦାତା ସମ୍ମିଳନୀ।

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ନଳପଙ୍ଗା ଗ୍ରାମରେ ମହାନ୍ତ ଲୋକଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାରକୁ କୁଡୁମି ମହାନ୍ତ ସମାଜ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏ ନେଇ ଆସନ୍ତା ୨ରେ ନ୍ୟାୟ ପାଇଁ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଯାଇଥିବା ନେଇ ରବିବାର ସ୍ଥାନୀୟ ଦେବ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉକ୍ତ ସମାଜ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜିଲା ପ୍ରଶାସନର ଅପାରଗତା କାରଣରୁ କୁଡୁମି ମହାନ୍ତମାନଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଉଛି। କୁଡୁମି ସମାଜ ଆଉ ସହ୍ୟ କରିପାରିବ ନାହିଁ। ଅତ୍ୟାଚାର ବିରୋଧରେ ଲଢ଼େଇ ଜାରି ରହିବ ବୋଲି କୁଡୁମି ସମାଜ ପକ୍ଷରୁ କୁହାଯାଇଛି। ନଳପଙ୍ଗାଠାରେ କିଛି ମାସ ହେଲା କୁଡୁମି ଓ ଜୁଆଙ୍ଗ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ଦେଖାଦେଇଆସୁଛି। ଉକ୍ତ ଅଞ୍ଚଳରେ କୁଡୁମି ସମ୍ପ୍ରଦାୟର ଲୋକଙ୍କ ପାଖାପାଖି ୨୭ ପରିବାରର ୭୦ରୁ ୮୦ ଏକର ପଟ୍ଟା ଭୁକ୍ତ ଜମି ରହିଛି। ବାହାର ଲୋକ ପ୍ରରୋଚନାରେ ପଡି ସ୍ଥାନୀୟ ଜୁଆଙ୍ଗମାନେ ଛାଡୁନାହାନ୍ତି ଏବଂ ବିଭିନ୍ନ ପ୍ରକାରର ହଇରାଣ ହରକତ କରିବା ସହ ମିଥ୍ୟା ମାମଲା ରୁଜୁ କରୁଛନ୍ତି। ଫଳରେ ବିବାଦ ବଢୁଛି ଏବଂ କୁଡୁମି ସମ୍ପ୍ରଦାୟର ଲୋକେ ବାସହରା ହୋଇପଡିଛନ୍ତି। ଉଚ୍ଚ ନ୍ୟାୟାଳୟରେ ହସ୍ତକ୍ଷେପ କରି ୧୫ ଦିନ ମଧ୍ୟରେ ସମାଧାନ କରିବାକୁ ପ୍ରଶାସନକୁ ଆଦେଶ କରିଥିଲେ ହେଁ ପ୍ରଶାସନ ଶୁଣୁ ନାହିଁ। ଏହାର ପ୍ରତିବାଦରେ ଆନ୍ଦୋଳନ କରାଯିବ ବୋଲି ସମାଜର କେନ୍ଦୁଝର ଜିଲା ଆବାହାକ ଡାକ୍ତର ମହାନ୍ତ କହିଛନ୍ତି। ଜିଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ବସବାସ କରୁଥିବା କୁଡୁମି ମହାନ୍ତ ସମ୍ପ୍ରଦାୟର ୨୦ ହଜାର ଲୋକ ସାମିଲ ହେବେ। କାଳିପଡିଆଠାରୁ ରାଲି ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ମିଳିଛି।

ଖବରଦାତା ସମ୍ମିଳନୀ ପୂର୍ବରୁ ଆଗାମୀ କାର୍ଯ୍ୟପନ୍ଥା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୁଡୁମି ସମାଜର ସଭାପତି କ୍ଷିରୋଦ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ଶିବନାରାୟଣ ମହାନ୍ତ, ଉପେନ୍ଦ୍ର ମହାନ୍ତ ସମେତ ମୟୂରଭଞ୍ଜ ଜିଲାରୁ ଆସିଥିବା ଶଶଧର ମହାନ୍ତ ଓ ଯୁଧିଷ୍ଠିର ମହାନ୍ତ, ଯାଜପୁରରୁ ଆସିଥିବା ଦୋଳଗୋବିନ୍ଦ ମହାନ୍ତ ଏବଂ ସହଦେବ ମହାନ୍ତଙ୍କ ସମେତ ବିବେକାନନ୍ଦ ମହାନ୍ତ, ନିଳକଣ୍ଠ ମହାନ୍ତ, ଦୟାନିଧି ମହାନ୍ତ, ଅଭିମନ୍ୟୁ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ପର୍ଶୁରାମ ମହାନ୍ତ, ଜିତୁନାଥ ମହାନ୍ତ, ଧନୁର୍ଜୟ ମହାନ୍ତ,ଗଣେଶ୍ୱର ମହାନ୍ତ, ଧରିତ୍ରୀ ମହାନ୍ତ, ପଦ୍ମିନୀ ମହାନ୍ତ, ଶକୁନ୍ତଳା ମହାନ୍ତ, ନିରୁପମା ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ ହରିଚନ୍ଦନପୁର ବ୍ଲକ ନଳପଙ୍ଗା ସମେତ ଜିଲା ବାହାରର କୁଡୁମି ମହାନ୍ତ ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କୁଡୁମି ସମାଜର ଜିଲା ସଦସ୍ୟ ଲକ୍ଷ୍ମୀଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଉପୁଡି ପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।

କେନ୍ଦୁଝର, ୨୧।୧୦ (ସ୍ୱ.ପ୍ର)
ହରିଚନ୍ଦନପୁର ଥାନା କମଳାଙ୍ଗୀ ଗ୍ରାମ ନିକଟରେ ଶନିବାର ରାତିରେ ଏକ ଭାରୀଯାନ ଧକ୍କାରେ ତାର ଛିଣ୍ଡିବା ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଛି। ଏ ନେଇ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ଉକ୍ତ ଘଟଣାକୁ ନେଇ ଉତ୍ତେଜନା ପରିସ୍ଥିତି ଦେଖା ଦେଇଛି। ତୁରନ୍ତ ବିଦ୍ୟୁତ୍ ଖୁଣ୍ଟ ସଜାଡିବା ପାଇଁ ସ୍ଥାନୀୟ ଲୋକେ ଦାବି କରି ହରିଚନ୍ଦନପୁର-ରେବଣାପଳାସପାଳ ରାସ୍ତାକୁ ଅବରୋଧ କରିଥିଲେ। ବିଦ୍ୟୁତ୍ ବିଭାଗ ସଜାଡିବା ପାଇଁ ୪ ଦିନ ସମୟ ମାଗୁଥିବା ବେଳେ ଗ୍ରାମବାସୀ ଗୋଟିଏ ଦିନରେ ସଜାଡିବାକୁ ଦାବି କରି ଅଡି ବସିଥିଲେ। ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ହରିଚନ୍ଦନପୁର ଥାନା ଅଧିକାରିଣୀ ବନିତା ମାଝୀଙ୍କୁ ପଚାରିବାରୁ ଲୋକଙ୍କୁ ବୁଝାସୁଝା କରାଯାଉଛି ବୋଲି ସେ କହିଛନ୍ତି।

# ମିଶ୍ରଣ ପର୍ବରେ ଶତାଧିକ କର୍ମୀ ସାମିଲ

ଚମ୍ପୁଆ,୨୧।୧୦(ଡି.ଏନ.ଏ.)


ମିଶ୍ରଣ ପର୍ବରେ ଭାଜପା କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଚମ୍ପୁଆ ନିର୍ବାଚନ ମଣ୍ଡଳୀର ମିଶ୍ରଣ ପର୍ବ ଗମ୍ଭାରିଆ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମରେ ଆୟୋଜିତ ସଭାରେ ଶତାଧିକ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ। ମିଶ୍ରଣ ପର୍ବରେ ରାଷ୍ଟ୍ରୀୟ (କୃଷକ ମୋର୍ଚ୍ଚା) ଉପସଭାପତି ମହେଶ୍ୱର ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀ, ପାଟଣା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକର୍ତ୍ତା ସତ୍ୟବ୍ରତ ନାଏକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପ୍ରଧାନ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଦସ୍ୟ ମହତାବ ଆଲାମ, ମହିଳା ମୋର୍ଚ୍ଚା ସଦସ୍ୟା ନିରୁପମା ସେଠୀ, ଚମ୍ପୁଆ ନଗର ସଭାପତି ସନ୍ତୋଷ ସାହୁ, ମମତା ନାଏକ, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଅଲେଖ ବାରିକ, ସଞ୍ଜୀବ ପରିଡା ପ୍ରମୁଖଙ୍କ ଉପସ୍ଥିତିରେ ୧୨୨ ସଦସ୍ୟ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ସଦସ୍ୟଙ୍କୁ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଓ ମହେଶ୍ୱର ସାହୁ ଫୁଲତୋଡା ଓ ଦଳୀୟ ଉପଢୌକନ ଦେଇଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି କାଙ୍ଗାଳି ଚରଣ ମହାରଣା ପରିଚାଳନା କରିଥିଲେ। ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀର ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

ମିଶ୍ରଣ ପର୍ବରେ ସନ୍ତୋଷ ପାତ୍ରଙ୍କ ସହ ଗୋବର୍ଦ୍ଧନ ପାତ୍ର, ବାବୁଲି ନାଏକ, ପ୍ରକାଶ ମହାନ୍ତ, ଦୁଃଶାସନ ମହାନ୍ତ, ପିତାମ୍ବର ମହାନ୍ତ, ମଙ୍ଗଳ ମହାନ୍ତ, ଦୀପକ ନାଏକ, ବୀଣା ପାତ୍ର, ଭାଗିରଥୀ ମହାନ୍ତ, କିରାଣୀ ଲୋହାର, ତ୍ରିଲୋଚନ ପାତ୍ର, କୈଳାସ ପାତ୍ର, ବିଷ୍ଣୁପ୍ରିୟା ମହାନ୍ତ, ରୀନା ପାତ୍ର, ସୁଶିଳା ମହାନ୍ତ, ଥୁପ ପାତ୍ର, ଖଇର ପାତ୍ର, ନରତ୍ତୋମ ମହାପାତ୍ର, ଧରଣୀଧର ମହାପାତ୍ର ପ୍ରମୁଖ ସାମିଲ ହୋଇଥିବା ଭାଜପା ପକ୍ଷରୁ ସୂଚନା ମିଳିଛି।

## ଉପକୃତ ହେବେ ଛାତ୍ରୀଛାତ୍ର

ପାଟଣା, ୨୧।୧୦(ସ୍ୱ.ପ୍ର.)
ପାଟଣା ବ୍ଲକ ମୁଖ୍ୟାଳୟଠାରେ ରବିବାର 'ଆଶା' ଟ୍ରଷ୍ଟ ପକ୍ଷରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ଉଦ୍‌ଘାଟିତ ହୋଇଛି। ଆଶା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉତ୍ସବରେ ଟ୍ରଷ୍ଟର ସଭାପତି ଅଜୟ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ହୃଷିକେଶ ନାଏକ, ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗ ଅଧ୍ୟାପକ ଡ. ଅବନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ଜିଲା ପରିଷଦ ସଦସ୍ୟ ସୁରେଶ ଚନ୍ଦ୍ର ନାଏକ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ର ମୋହନ ନାଏକ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ହଳଧର ମହାନ୍ତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ବହୁ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କହିଥିଲେ। ଟ୍ରଷ୍ଟର ସଭାପତି ଅଜୟ ଟ୍ରଷ୍ଟର ଆଭିମୁଖ୍ୟ ଉପରେ ଉପସ୍ଥିତ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ଦେବବ୍ରତ ଦାଶ ବିବରଣୀ ପାଠ କରିଥିବା ବେଳେ ପାର୍ଥସାରଥୀ ବେଜ ଓ ଅବିନାଶ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମା' ତାରିଣୀ ନୃତ୍ୟ ଶିକ୍ଷାନୁଷ୍ଠାନ ଘଟଗାଁ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ■ ଆନନ୍ଦପୁର ପୌର କର୍ତ୍ତୃପକ୍ଷଙ୍କ ବିଚିତ୍ର ନୀତି

# ନଦୀ ପଠାରେ ଢଳା ଯାଉଛି ଆବର୍ଜନା


ବୈତରଣୀ ପଠାରେ ପାଇଖାନାର ମଇଳା ଢଳା ଯାଉଛି।

ଆନନ୍ଦପୁର, ୨୧।୧୦(ସ୍ୱ.ପ୍ର.)
ଆନନ୍ଦପୁର ପୌରପରିଷଦରେ ଅସନ୍ତୋଷର ବାତାବରଣ ଦେଖାଦେଉଛି। ୧୬ଟି ୱାର୍ଡ଼ରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଥିବା ବେଳେ ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ପାଲଟିଛି। ଅନ୍ୟପଟେ ବିଭିନ୍ନ ସମୟରେ ୱାର୍ଡ଼ ଗୁଡିକରୁ ସଂଗ୍ରହ ହେଉଥିବା ଆଳିଆ ଆବର୍ଜନା ସବୁ ସାଳପଡାସ୍ଥିତ ଡମ୍ପିଂୟାର୍ଡ଼ରେ ଡମ୍ପିଂ କରା ନ ଯାଇ ଗାୟତ୍ରୀ ମନ୍ଦିର ସନ୍ନିକଟ ବୈତରଣୀ କଡରେ ପକାଯାଉଛି। ପୌରପରିଷଦର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି। ବାରମ୍ବାର ଗଣମାଧ୍ୟମରେ ଡମ୍ପିଂୟାର୍ଡ଼କୁ ଠିକ୍ ଭାବେ ବ୍ୟବହାର କରାଯାଉ ନ ଥିବା ସମ୍ପର୍କିତ ଖବର ପ୍ରକାଶିତ ହେଉଥିଲେ ସୁଦ୍ଧା କେହି ଏଥିପ୍ରତି ତିଳେମାତ୍ର ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି।

ରବିବାର ମଧ୍ୟାହ୍ନ ସମୟରେ ଆନନ୍ଦପୁର ବୈତରଣୀ ସେତୁ ସନ୍ନିକଟ ନଦୀପଠାରେ ପାଇଖାନାରୁ ନିର୍ଗତ ମଇଳା ପୌରପରିଷଦର ସେସ୍ ପୋଲ୍ ଗାଡି ଢାଳୁଥିବା ଦେଖାଯାଇଥିଲା। ସର୍ବସାଧାରଣଙ୍କ ଦୃଷ୍ଟିରେ ଘଟଣା ନ ଆସିବା ପାଇଁ ନଦୀ ପଠାରେ ଥିବା ଏକ ଘଂଚ ଗଛ ମୂଳେ ମଇଳାକୁ ଢାଳିବା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କଲେ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଆଲୋଚନା ହେଉଛି। ଘଟଣା ଦିଗରେ ଜିଲା ତଥା ଉପଖଣ୍ଡ ପ୍ରଶାସନିକ ବରିଷ୍ଠ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବୈଦ୍ୟରାଜ ସାହି ଦୁର୍ଗାପୂଜା ଉଦ୍‌ଯାପିତ

ଆନନ୍ଦପୁର, ୨୧।୧୦(ସ୍ୱ.ପ୍ର.)
ଆନନ୍ଦପୁର ପୌରପରିଷଦ ଫକୀରପୁରର ବୈଦ୍ୟରାଜ ସାହିରେ ଦୁର୍ଗାପୂଜା ଉତ୍ସବକୁ ଧୁମଧାମରେ ପାଳନ ହୋଇଯାଇଛି। ମା' ଦୁର୍ଗାଙ୍କ ସବୁଠାରୁ ବଡ ମୃଣ୍ମୟୀ ପ୍ରତିମା ନିର୍ମାଣ କରାଯାଇ ପୂଜାକାର୍ଯ୍ୟ ଯଥାରୀତିରେ ପାଳନ କରାଯାଇଛି। ଦୀର୍ଘ ୨୧ ବର୍ଷ ଧରି ପାଳିତ ହୋଇଆସୁଥିବା ଦୁର୍ଗୋତ୍ସବ ଉପଲକ୍ଷେ ପୂଜା ମଣ୍ଡପକୁ ସାଜସଜା କରାଯାଇଥିଲା। ଦେବୀଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ବୃଦ୍ଧି ପାଇଥିଲା। କମିଟିର ସଭାପତି ପ୍ରଦୀପ ନାଥ ଏବଂ ସମ୍ପାଦକ ରଞ୍ଜନ କୁମାର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ପୂଜାକାର୍ଯ୍ୟ ସମ୍ପାଦନ ନିମନ୍ତେ ୬ ପୂଜକଙ୍କୁ ନିୟୋଜିତ କରାଯାଇଛି। ପ୍ରକାଶ ନାଥ, ପ୍ରଫୁଲ୍ଲ ନାଥ, ସତ୍ୟ ନାଥ, ସୁରେନ୍ଦ୍ର ନାଥ ଓ ତ୍ରିଲୋଚନ ନାଥଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମରେ ପୂଜାକାର୍ଯ୍ୟ ଆଡମ୍ବର ସହକାରେ ପାଳିତ ହୋଇଥିଲା।

## ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

ତେଲକୋଇ, ୨୧।୧୦(ଡି.ଏନ.ଏ.)
ତେଲକୋଇ ଥାନା ଅନ୍ତର୍ଗତ ତରିଆ ପଞ୍ଚାୟତ ଅଧୀନ ଧନୁଜୟପୁର ଜୁଆଙ୍ଗ ବସ୍ତିରେ ଜଣେ ସ୍ୱାମୀ ତାଙ୍କ ନିଜ ସ୍ତ୍ରୀଙ୍କୁ ମାରି ଦେଇଥିବା ଅଭିଯୋଗ ହୋଇଛି। ସ୍ୱାମୀ ଶୁକ୍ରା ଜୁଆଙ୍ଗଙ୍କର ଟାଙ୍ଗିଆ ମାଡ଼ରେ ସ୍ତ୍ରୀ ଗୁରୁବାରୀ ଜୁଆଙ୍ଗଙ୍କ ମୃତ୍ୟୁ ଘଟିଛି। ସ୍ତ୍ରୀଙ୍କୁ ମାରି ଶିଶୁପୁତ୍ରକୁ ନେଇ ସ୍ୱାମୀ ଫେରାର୍ ହୋଇଯାଇଛନ୍ତି। ଶୁକ୍ରା ଚେନାଇରେ ରହି କାର୍ଯ୍ୟ କରନ୍ତି। ଦଶହରା ପାଇଁ ଘରକୁ ଆସିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସାହିଭାଇ ସହଯୋଗ ନ କରିବାରୁ ମୃତଦେହ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା କଷ୍ଟକର ହୋଇଥିଲା। ଓରିଆ ପଞ୍ଚାୟତର ବିଜୁ ଯୁବବାହିନୀର ସଭାପତି ତ୍ରନାଥ ବିଶ୍ୱାଳଙ୍କ ସହ ସଭ୍ୟମାନେ ପହଞ୍ଚି ପୋଲିସ ସହାୟତାରେ ମୃତଦେହ ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜୁଆଙ୍ଗ ଜାତିପ୍ରଥା ଅନୁଯାୟୀ ମୃତଦେହକୁ ମାଟିରେ ପୋତି ଦିଆଯାଇଛି। ଏ ନେଇ ଜୁଆଙ୍ଗ ବସ୍ତିର ବିରୋଧ ହୋଇଥିଲେ ହେଁ ପୋଲିସ ଉପସ୍ଥିତିରେ ବିଜୁ ଯୁବବାହିନୀର କର୍ମୀମାନେ ଉକ୍ତ କାର୍ଯ୍ୟ ସମାପନ କରି ପ୍ରଶଂସାର ପାତ୍ର ହୋଇଛନ୍ତି।

## ଫଟୋ ଟ୍ରେଡ୍ ଶୋ'ର ପୋଷ୍ଟର ଉନ୍ମୋଚିତ


ଆନନ୍ଦପୁର ଫଟୋଗ୍ରାଫରମାନଙ୍କ ଦ୍ୱାରା ପୋଷ୍ଟର ଉନ୍ମୋଚନ କରାଯାଉଛି।

ଆନନ୍ଦପୁର, ୨୧।୧୦(ସ୍ୱ.ପ୍ର.)
ଫଟୋ ଗ୍ରାଫିକ୍ ଆସୋସିଏଶନ୍ ଅଫ ଓଡ଼ିଶା(ପାଓ) ପକ୍ଷରୁ ନଭେମ୍ବର ୨ ରୁ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଫଟୋ ଟ୍ରେଡ୍ ଶୋ'ର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ସଂଘର କର୍ମକର୍ତ୍ତା ରାଜ୍ୟ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ପୋଷ୍ଟର ଉନ୍ମୋଚନ କାର୍ଯ୍ୟ କରୁଛନ୍ତି। ସଂଘ ପକ୍ଷରୁ ଆନନ୍ଦପୁର ସିଂ ଷ୍ଟୁଡିଓଠାରେ ବରିଷ୍ଠ ଫଟୋଗ୍ରାଫର ରମେଶ ସିଂ (ନନି ଦା)ଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପାଓ ପକ୍ଷରୁ ସୁଶାନ୍ତ ମହାନ୍ତି, ନିରଞ୍ଜନ ବରାଳ, ଅଜିତ୍ ପାଢୀ, ଭବନୀ ସଙ୍କର ରାମ, ରାଜକିଶୋର ଶତପଥୀ ପ୍ରମୁଖ ଫଟୋଗ୍ରାଫର୍ ଉପସ୍ଥିତ ଥିଲେ। ଆନନ୍ଦପୁର ଅଞ୍ଚଳର ଫଟୋଗ୍ରାଫର ସନ୍ତୋଷ ରାଉତ, ଦିଲ୍ଲୀପ ସାହୁ, ସିଦ୍ଧେଶ୍ୱର ଖୁଣ୍ଟିଆ, ସନ୍ତୋଷ ନନ୍ଦି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଭୁବନେଶ୍ୱରର ବରମୁଣ୍ଡାରେ ଅନୁଷ୍ଠିତ ହେବାକୁ ଥିବା ଟ୍ରେଡ୍ ଶୋରେ ବିଭିନ୍ନ ଅଞ୍ଚଳର ଫଟୋଗ୍ରାଫର ଯୋଗଦେବା ନିମନ୍ତେ ପୋଷ୍ଟର ଉନ୍ମୋଚନ ପର୍ବ ସବୁ ଅଞ୍ଚଳରେ କରାଯାଉଥିବା କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# କେନ୍ଦୁଝରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

- ସାଂସ୍କୃତିକ ଅନୁଷ୍ଠାନର ଭଜନ ସନ୍ଧ୍ୟା
- ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ
- ଶହୀଦଙ୍କ ପରିବାର ଲୋକଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୧।୧୦(ସ୍ୱ.ପ୍ର.)


ଶହୀଦଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

ନକ୍ସଲ ଓ ଆତଙ୍କବାଦୀଙ୍କ ସହ ମୁକାବିଲା କରି ବଳିଦାନ ଦେଇଥିବା ଶହୀଦମାନଙ୍କୁ ଜିଲା ପୋଲିସ ପକ୍ଷରୁ ଶ୍ରଦ୍ଧାଳି ଅର୍ପଣ କରାଯାଇଛି। ଶନିବାର ସନ୍ଧ୍ୟାରେ ଶହୀଦମାନଙ୍କ ସ୍ମୃତିରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏସପିଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ଆଶିଷ ଥାକରେ, ଡିଏଫଓ ସନ୍ତୋଷ ଯୋଶୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏସପି ଜୟନାରାୟଣ ପଙ୍କଜ ଯୋଗଦେଇ ଆତଙ୍କ ଓ ନକ୍ସଲବାଦୀମାନେ କେବେ ବି ପୋଲିସର ମନୋବଳକୁ ଭାଙ୍ଗି ପାରିବେନି। ପୋଲିସ ବାହିନୀ ସମସ୍ତ ବାଧାବିଘ୍ନକୁ ସାମ୍ନା କରିବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ। ଶହୀଦ ହୋଇଥିବା ପୋଲିସ ଓ କର୍ମଚାରୀମାନଙ୍କ ପ୍ରତି ସମ୍ମାନ ଜଣାଇବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ। କେନ୍ଦୁଝର ଜିଲାର ୨୧ ଶହୀଦ ବହୁମୂଲ୍ୟ ଜୀବନ ତ୍ୟାଗ କରି ନିଜର ନିଷ୍ଠା, କର୍ତ୍ତବ୍ୟ ପରାୟଣତାର ଆଦର୍ଶ ପ୍ରଦର୍ଶନ କରିଥିବା ସେ କହିଥିଲେ। ବୀର ଶହୀଦମାନଙ୍କ ପାଇଁ ଦୁଇ ମିନିଟ୍ ଶୋକ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ ଚନ୍ଦ୍ର ପରିଡା,ଏସ୍‌ଡିପିଓ ସଦର ଶ୍ରୀହର୍ଷ ମିଶ୍ର, କ୍ରାଇମ ବ୍ରାଞ୍ଚର ଡିଏସପି ସୁରେଶ ଚନ୍ଦ୍ର ପାତ୍ର, ଡିଏସ୍‌ପି ଡିଆଇବି ହରିଶ ଚନ୍ଦ୍ର ପାଣ୍ଡେ, ଡିଏସ୍‌ପି ହେଡକ୍ୱାର୍ଟର ଜେମ୍ସ ପ୍ରକାଶ ଟପ୍ପୋ, ଡିଏସପି ଏଚ୍‌ଆରପିସି ଶୁଭ୍ରାଂଶୁ ଶେଖର ମିଶ୍ର, ରିଜର୍ଭ ଇନିସ୍ପେକ୍ଟର ବିମଳ ଚନ୍ଦ୍ର ରାଉତ, ପୋଲିସ କନେଷ୍ଟବଳ ହାବିଲଦାର ସଂଘ କେନ୍ଦୁଝର ଶାଖାର ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୋଲିସ ବ୍ୟାଣ୍ଡ ପାର୍ଟି ପକ୍ଷରୁ ବାଦ୍ୟ ପରିବେଷଣ ସହ କେନ୍ଦୁଝରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସାଇ ତାରିଣୀ ଭଜନ ସନ୍ଧ୍ୟାର କଳାକାରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ହୋଇଥିଲା। ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଜିଲା ପୋଲିସ ପକ୍ଷରୁ ରବିବାର ସ୍ଥାନୀୟ ରିଜର୍ଭ ପଡିଆରେ ୫୯ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ରିଜର୍ଭ ପଡ଼ିଆଠାରେ ଅତିଥିମାନେ ଦେଶ ପାଇଁ ଜୀବନକୁ ଉତ୍ସର୍ଗିକୃତ କରିଥିବା ଶହୀଦମାନଙ୍କୁ ପୁଷ୍ପହାର ଦେଇ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ଏସପି ଜୟନାରାୟଣ ଏକ ସମ୍ମିଳିତ ପ୍ୟାରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ଲୋକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ସ୍ଥାନୀୟ ଡିଏନ ହାଇସ୍କୁଲ ଓ ଏନ୍‌ଏସ ପୋଲିସ ହାଇସ୍କୁଲରେ ଶହୀଦଙ୍କୁ ଶ୍ରଦ୍ଧାଳି ଅର୍ପଣ କରାଯାଇଥିଲା। ଶହୀଦ ପ୍ରତାପ ପ୍ରଧାନ ଓ ଅଜୟ ସାହୁଙ୍କ ପରିବାର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପାଟଣା, (ସ୍ୱ.ପ୍ର.)
ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଚୁଟିଆପସି ପ୍ରାଥମିକ ବିଦ୍ୟାଳୟରେ ପୋଲିସ ଶହୀଦ ସ୍ମୃତି ଦିବସ ରବିବାର ପୂର୍ବାହ୍ନରେ ପାଳିତ ହୋଇଛି। ଏହି ଅବସରରେ ପାଟଣା ଥାନା ଅଞ୍ଚଳ ଚୁଟିଆପସି ଗ୍ରାମର କନେଷ୍ଟ ବଳ ସଞ୍ଜୟ ଦାସ ଓ ବଡ଼ପାଟଣା ଗ୍ରାମର ସବଇନ୍ସପେକ୍ଟର କମଳା କାନ୍ତ ନାଏକଙ୍କ ଫୋଟୋ ଚିତ୍ରରେ ଏସଡ଼ିପିଓ ସିଲଭରିୟ ଟୋପୋ, ପାଟଣା ଥାନାଧିକାରୀ ପ୍ରମଦିନୀ ସାହୁ, ଏଏସଆଇ ଅଶୋକ କୁମାର ନାଏକଙ୍କ ସମେତ ପାଟଣା ଥାନାର କର୍ମଚାରୀ ଓ ଉପସ୍ଥିତ ଗ୍ରାମବାସୀ ମାଲ୍ୟାର୍ପଣ କରିଥିଲେ। ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଶହୀଦ ସଞ୍ଜୟଙ୍କ ମା' ସତ୍ୟଭାମା ଦାସ ଓ କମଳାଙ୍କ ବାପା ଶରତ ଚନ୍ଦ୍ର ନାଏକଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ସମବେଦନା ଦିଆଯାଇଥିଲା।

ହାଟଡିହୀ, (ଡି.ଏନ.ଏ.)
ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଶହୀଦ ଗଣେଶ ପ୍ରସାଦ ସାଙ୍କ ଦ୍ୱିତୀୟ ବାର୍ଷିକ ଶହୀଦ ଦିବସ ପାଳିତ ହୋଇଯାଇଛି। ଶହୀଦ ସାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ନନ୍ଦିପଦା ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଲାକ୍ରା, ଶାସଙ୍ଗ ସରପଞ୍ଚ ବିମ୍ବାଧର ବିଶ୍ୱାଳ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପାତ୍ର, ଶହୀଦ ସାଙ୍କ ପିତା ଘନଶ୍ୟାମ ସା ଓ ମା' ଶ୍ରୀମତୀ ସା ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।